ଧରିତ୍ରୀ
DHARITRI
January 26-February 01, 2025 ₹2/-

ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

# ଦେଶ ସେବାରେ ପରିବାର

ଦେଶ ମାତୃଭୂମିର ସେବା କରିବାର ପଣ ନେଇ ସେନାବାହିନୀରେ ଯୋଗ ଦେଇଥିବା ଅନେକ ପରିବାର ଭିତରୁ କେତୋଟି ପରିବାର ସମ୍ପର୍କରେ...



# ବେଡ୍‌ରୁମ୍‌ରେ କ'ଣ ରଖିଲେ ଶୁଭ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି ବି କିଛି ଜିନିଷ ରହିଛି; ଯାହାକୁ ରାତିରେ ଶୋଇବା ସମୟରେ ବେଡ୍ ପାଖରେ ରଖିକି ଶୋଇଲେ ଶୁଭଫଳ ମିଳିଥାଏ...**

✲ **ତୁଳସୀ ପତ୍ର:** ପବିତ୍ର ମନରେ



କିଛି ତୁଳସୀ ପତ୍ରକୁ ନେଇ ରାତିରେ ଶୋଇବା ସମୟରେ ବେଡ୍‌ଠାରୁ ଅଳ୍ପ କିଛି ଦୂରରେ ରଖିବେ। ଏମିତି କିଛିଦିନ କରିବା ଦ୍ୱାରା ମାନସିକ ଶାନ୍ତି ମିଳିବା ସହ ଘରେ ଖୁସିର ବାତାବରଣ ବଢ଼ିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

✲ **ବାମ୍ବୋ ପ୍ଲାଣ୍ଟ:** ଏହା ଏକ ଏୟାର୍ ପ୍ୟୁରିଫାୟାର୍ ପ୍ଲାଣ୍ଟ। ଏହାକୁ ମଧ୍ୟ ବେଡ୍‌ରୁମ୍‌ରେ ବେଡ୍ ପାଖରେ ରଖିକି ଶୋଇଲେ ନିଦ ଭଲ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

✲ **ଗୋଟା ହଳଦୀ:** ରାତିରେ ଶୋଇବା ସମୟରେ ହଳଦିଆ ରଙ୍ଗର କପଡ଼ାରେ କିଛି ଗୋଟା ହଳଦୀକୁ ବାନ୍ଧି ବେଡ୍ ପାଖରେ ରଖିକି ଶୋଇଲେ, ବ୍ୟବସାୟ ଅଥବା ଚାକିରିରେ ଆସୁଥିବା ବାଧା ଦୂର ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

✲ **ମୟୂର ଚନ୍ଦ୍ରିକା:** ବେଡ୍ ପାଖରେ ମୟୂର ଚନ୍ଦ୍ରିକା ରଖି ଶୋଇଲେ ଧନ ସମ୍ବନ୍ଧୀୟ ସମସ୍ୟାର ସରଳ ସମାଧାନ ହୋଇଯାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✲ **ଏକ ଟଙ୍କିଆ ମୁଦ୍ରା:** ଶୋଇବା ସମୟରେ ମୁଣ୍ଡିଆ ମାରି ବେଡ୍ ପାଖରେ ଏହି ମୁଦ୍ରାରୁ ଗୋଟିଏ ରଖିଲେ ଆର୍ଥିକ ସମସ୍ୟା ଧୀରେ ଧୀରେ ସୁଧୁରିଥାଏ ବୋଲି ଲୋକବିଶ୍ୱାସ ରହିଛି।

✲ **ରସୁଣ ପାଖୁଡ଼ା:** କୁହାଯାଏ, ରାତିରେ ଶୋଇବା ସମୟରେ କିଛି ରସୁଣ ପାଖୁଡ଼ାକୁ ବେଡ୍ ପାଖରେ ରଖିକି ଶୋଇଲେ ନିଦ ଭଲ ହୁଏ; ଯଦ୍ୱାରା ମନ ଖୁସି ଖୁସି ରହିଥାଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଜାନୁଆରୀ ୨୬-ଫେବୃଆରୀ ୧**

**ମେଷ**
ସୁନିୟନ୍ତ୍ରିତ ସ୍ୱାସ୍ଥ୍ୟ, କର୍ମପ୍ରବାହର ଜାଲ, ସଫଳତାର ସମ୍ଭାବନା, ପାରିବାରିକ ସୁଖ, ଆତ୍ମୀୟସ୍ୱଜନଙ୍କ ଈର୍ଷା, ଅସନ୍ତୁଳିତ ମାନସିକତା, ଅର୍ଥନୈତିକ ଅଭିବୃଦ୍ଧି, ମକଦ୍ଦମାରେ ବାଇଦା, ଆନୁଷ୍ଠାନିକ କର୍ମାରମ୍ଭ ॥

**ବୃଷ**
ପ୍ରତିରୋଧର ସାମନା, ଖଟି ଖଟି ନୟାନ୍ତ ହେବେ, ସାଂଗଠନିକ ସଭା, କ୍ରୀଡା ଚଳଚ୍ଚିତ୍ରରେ ପ୍ରଶଂସା, ପୂର୍ବସମସ୍ୟାର ସମାଧାନ, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି, ଆଇନ ସହାୟତା ପ୍ରାପ୍ତି, ଆତ୍ମୀୟଙ୍କ କୁଟିଳତା, ଗବେଷଣାରେ ଅଗ୍ରଗତି, ବିଦେଶ ଯାତ୍ରାର ଯୋଜନା ॥

**ମିଥୁନ**
ବୁଦ୍ଧିଜିବୀଙ୍କ ସାନ୍ନିଧ୍ୟ, ଫଳପ୍ରଦ ଆଲୋଚନା, କର୍ମକ୍ଷେତ୍ରରେ ପ୍ରଶଂସା, ଆର୍ଥିକ ଅନଟନ, ଗୃହନିର୍ମାଣରେ ସମସ୍ୟା, ଦୈହିକ ଦୁର୍ବଳତା, ମାନସିକ ଅବସାଦ, ସରକାରୀ ସହାୟତା, ଋଣଭାରର ଚାପ ବୃଦ୍ଧି ॥

**କର୍କଟ**
ଅନୁକୂଳ ବାତାବରଣ, ସୁଚିନ୍ତିତ କାର୍ଯ୍ୟପଦ୍ଧତି, ଦୁର୍ବିସହ ଦାମ୍ପତ୍ୟ, ଅର୍ଥ ସମସ୍ୟା, ନିର୍ମାଣ କାମର ପୂର୍ଣ୍ଣାଙ୍ଗତା, ମାଙ୍ଗଳିକ କାର୍ଯ୍ୟରେ ବାଧା, ଯୋଗାଯୋଗରେ ସଫଳତା, ପୂର୍ବ ଶତ୍ରୁତାରୁ କଳହ ॥

**ସିଂହ**
ନିର୍ଣ୍ଣୟାତ୍ମକ ସିଦ୍ଧାନ୍ତ, ସମସ୍ୟାର ସମାଧାନ, ପ୍ରଶାସନିକ ସଫଳତା, କଳାସାହିତ୍ୟରେ ସୁଫଳ, ବେହିସାବ ଖର୍ଚ୍ଚରୁ ମନସ୍ତାପ, ନିର୍ମାଣାଧୀନ କାମରେ ବାଧା, ଯାତ୍ରା ସ୍ଥଗିତ ରହିବ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନୀ, ସନ୍ତାନଙ୍କ ବିଶୃଙ୍ଖଳା, ଆର୍ଥିକ ଅନଟନ ॥

**କନ୍ୟା**
ଆର୍ଥିକ ସମସ୍ୟା, ପ୍ରଗତିର ପଥରୋଧ, ଋଣଭାରର ଚାପ, ବିବାଦୀୟ ପରିସ୍ଥିତି, ସମ୍ପର୍କରେ ଉନ୍ନତି, ଆନୁସଙ୍ଗିକ ସହଯୋଗ, ଦିଗହରା କର୍ମକ୍ଷେତ୍ର, ଉଚ୍ଚତର ଶିକ୍ଷା ସୁଯୋଗ, ଧର୍ମାନୁଷ୍ଠାନର ପୁନଃରୁତ୍ଥାନ, ସାଂଗଠନିକ କାର୍ଯ୍ୟର ନେତୃତ୍ୱ, ସଫଳତା ଅବଶ୍ୟ ପାଇବେ ॥

**ତୁଳା**
ପ୍ରତିକୂଳତା ଦୂରହେବ, ପରିସ୍ଥିତି ବଦଳିବ, ମନୋବଳ ବୃଦ୍ଧି, କର୍ମକ୍ଷେତ୍ରରେ ଅଗ୍ରଗତି, ଶତ୍ରୁତାର ମାୟାଜାଲ, ଲକ୍ଷ୍ୟ ସାଧନରେ ବ୍ରତୀ, ଅର୍ଥନୈତିକ ଅଭିବୃଦ୍ଧି, ଯୋଜନା ନିରର୍ଥକ ହେବନି, ଘର ସାଜସଜ୍ଜା, ଆଧ୍ୟାତ୍ମିକତାରେ ଆଗ୍ରହ, ଶାସ୍ତ୍ର ଆଲୋଚନା ॥

**ବିଛା**
ସ୍ୱାସ୍ଥ୍ୟ ସମସ୍ୟା, ଦୁର୍ଭାବନା ବଢ଼ିବ, ବିକ୍ଷିପ୍ତ ମାନସିକତା, ମଜ୍‌ବୁତ ଆର୍ଥିକସ୍ଥିତି, ଗୃହସୀମାକୁ ନେଇ ବିବାଦ, ବନ୍ଧୁଙ୍କ ସହାନୁଭୂତି, କଚେରୀ ମାମଲା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆତ୍ମୀୟମାନଙ୍କ ଅନୁକମ୍ପା, ବ୍ୟବସାୟିକ ସମସ୍ୟା, ବୃତ୍ତିବାଣିଜ୍ୟରେ ଉନ୍ନତି ॥

**ଧନୁ**
ଅବ୍ୟବସ୍ଥା ସୁଧୁରିବ, ସହନଶୀଳତାର ପ୍ରଶଂସା, ପରୋପକାର ପ୍ରବୃତ୍ତି, କର୍ମକ୍ଷେତ୍ରରେ ବିବାଦ, ମନୋରଞ୍ଜନର ମଉକା, ଅମୀମାଂସିତ ଆଲୋଚନା, ମନସ୍ତାପ କରିପାରନ୍ତି, ସାହିତ୍ୟ ଚର୍ଚ୍ଚାର ଆସର, ସାମ୍ବାଦିକତାରେ ଗୌରବ ॥

**ମକର**
ବନ୍ଧୁଙ୍କୁ ଆପଣେଇବେ, ଗଠନମୂଳକ ପରାମର୍ଶ, ସହଯୋଗ ପାଇବେ, ମାର୍ଗ ଉନ୍ମୁକ୍ତ ହେବ, ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି, ସାମୟିକ ଆଶ୍ୱସ୍ତି ଅନୁଭବ, ଆର୍ଥିକ ଅନଟନ, ସାହାଯ୍ୟ ପ୍ରତିଶ୍ରୁତି, ସ୍ଥିରତା ଫେରିପାଇବେ, ବ୍ୟବସାୟିକ ଉତ୍କର୍ଷ, ମାନସିକ ପରିପୂର୍ଣ୍ଣତା ॥

**କୁମ୍ଭ**
କର୍ମକ୍ଷେତ୍ରରେ ପ୍ରତିଷ୍ଠା, ପାରିବାରିକ ଶାନ୍ତି, ଯାନବାହନରେ ଉନ୍ନତି, ବନ୍ଧୁସମ୍ପର୍କ ଦୃଢ଼ିଭୂତ ହେବ, ଚାକିରି ଅଫର୍ ପ୍ରାପ୍ତି, ଶତ୍ରୁକୃତ ଅସୁବିଧା, ଉପରିସ୍ଥଙ୍କ ଭର୍ତ୍ସନା, ପୁରାତନ ରୋଗରେ ପୀଡା, ପ୍ରଗତିର ପଥରୋଧ, ସମାଲୋଚିତ ହୋଇପାରନ୍ତି ॥

**ମୀନ**
ସଂଘର୍ଷମୟ ପରିସ୍ଥିତି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ପରିସ୍ଥିତି ହାଲୁକା ହେବ, ଆଶ୍ୱସ୍ତି ଅନୁଭବ, ଆଲୋଚନା ଅବ୍ୟାହତ ରହିବ, ଆର୍ଥିକ ସ୍ଥିତି ବଦଳିବ, ପାରିବାରିକ ସମସ୍ୟା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ଅଧ୍ୟାପନାରେ ନିଷ୍ଠା, ବିଦେଶ ଯାତ୍ରାର ସୁଯୋଗ ॥

# ଏହା ବି ହୋଇପାରେ କଳହର କାରଣ..

ଅନେକ ସମୟରେ ଦେଖାଯାଏ ଘରେ କିଛି ବି କାରଣ ନଥାଇ କଳି ଝଗଡ଼ା ଲାଗିଯାଏ। ସମ୍ପର୍କରେ ତିକ୍ତତା ଦେଖାଦିଏ। ପରିବାରରେ ଅଶାନ୍ତିର ବାତାବରଣ ଖେଳିଯାଏ। ଏହାପଛରେ ଅଜାଣତରେ ଆମଦ୍ୱାରା କରାଯାଉଥିବା କିଛି ଛୋଟମୋଟ କାର୍ଯ୍ୟ ବି କାରଣ ସାଜିପାରେ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଯେମିତିକି: ✲ ବେଡ୍ ଉପରେ ବସିକି ଖାଇଲେ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି ହୁଏ। ✲ ଖାଇବା ସମୟରେ



ମୋବାଇଲ ଦେଖିବା କିମ୍ବା କଥାବାର୍ତ୍ତା ହେବା ବି ଘରେ ଅଶାନ୍ତି ଉପୁଜାଇଥାଏ। ✲ ଅଇଁଠା ହାତ ନଧୋଇ ଅନ୍ୟ କାମ କରିବା ମଧ୍ୟ ଏହାର ଆଉ ଏକ କାରଣ ସାଜିପାରେ। ✲ ଲୁଗାପଟା ଗଦା କରି ରଖିବା, ଗାଧୁଆଘର କବାଟ ଖୋଲା ରଖିବା, ଗାଧୁଆ ଘରେ ଅସନା ଲୁଗା ପକେଇ ରଖିବା ବି ଘରେ ଅଶାନ୍ତି, କଳହର ବାତାବରଣ ସୃଷ୍ଟି କରିଥାଏ ବୋଲି ବିଶ୍ୱାସ କରାଯାଏ। ✲ ରାତିରେ ଅଇଁଠା ବାସନ ପକେଇ ରଖିବା, ବାସି ଶେଯ ବହୁ ସମୟ ଧରି ପଡି ରହିବା, ପୁରୁଣା ଚପଲ, ଜୋତା ଗଦା କରି ରଖିବା ବି ଘରେ ନକାରାତ୍ମକ ଶକ୍ତିକୁ ବଢ଼ାଇ ସମ୍ପର୍କରେ ତିକ୍ତତା ଆଣିଥାଏ। ✲ ଘରେ ପୂଜାପାଠ ନିୟମ ଅନୁସାରେ ନ କରିବା ବି ଘରେ କଳହର ଅନ୍ୟତମ କାରଣ ହୋଇପାରେ। ✲ ତା'ଛଡ଼ା ଘରେ ଯଦି କିଛି ବାସ୍ତୁଦୋଷ କିମ୍ବା ପିତୃଦୋଷ ଥାଏ, ତା'ହେଲେ ବି କଳହ, ଝଗଡ଼ା ଲାଗିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

# ପାଠକୀୟ

✲ ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ନିଜ କାର୍ଯ୍ୟଧାରାରେ ସାମିଲ କରିବା ସହ ତାଙ୍କ ମାର୍ଗରେ ଯାଇ ବ୍ୟକ୍ତିତ୍ୱ ବିକାଶ ଓ ଉତ୍ତମ ରାଷ୍ଟ୍ରଗଠନରେ ସାମିଲ ହୋଇଥିବା କେତେଜଣ ବ୍ୟକ୍ତି ବିଶେଷ ଓ କିଛି ଅନୁଷ୍ଠାନକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସ୍ୱାମିଜୀଙ୍କ ମାର୍ଗରେ' ଶୀର୍ଷକ ଆଲେଖ୍ୟଟି ସତରେ ବେଶ୍ ଶିକ୍ଷଣୀୟ ଥିଲା। 'ଅଶ୍ୱତ୍ଥ ବୃକ୍ଷର ମାହାତ୍ମ୍ୟ', 'ଘରେ ଅସରପା ହେଉଥିଲେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସ୍ୱାଗତିକା ମହାନ୍ତି, କେନ୍ଦ୍ରାପଡ଼ା*

✲ ଜାଗ ଭାରତ ! ଉଠ ! ଜାଗ ! ଲକ୍ଷ୍ୟପ୍ରାପ୍ତି ନ ହେବା ପର୍ଯ୍ୟନ୍ତ କାର୍ଯ୍ୟରୁ ବିରତ ହୁଅ ନାହିଁ। ନିର୍ଭୀକ ହୁଅ, ସାହସୀ ହୁଅ, ତୁମେ ଜଣେ ଭାରତବାସୀ ବୋଲି ଗର୍ବିତ ହୁଅ ଏବଂ ଗର୍ବର ସହିତ ଘୋଷଣାକର– ମୁଁ ଜଣେ ଭାରତବାସୀ, ପ୍ରତ୍ୟେକ ଭାରତବାସୀ ମୋର ଭାଇ। ଏହା ହେଉଛି ସ୍ୱାମିଜୀଙ୍କର ଅଜସ୍ର ମହତବାଣୀରୁ ଗୋଟିଏ। ତେଣୁ ସ୍ୱାମିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା କିଛି ବ୍ୟକ୍ତି ଓ କିଛି ଅନୁଷ୍ଠାନକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ମନଛୁଆଁ ହୋଇଥିଲା।

*– ଜ୍ୟୋତ୍ସ୍ନାରାଣୀ ସାହୁ, କଟକ*

✲ ସିନେମା ପୃଷ୍ଠାଟି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି 'ପ୍ରଥମେ ଉପାସନା ପରେ ଭାଗ୍ୟଶ୍ରୀ', 'ବିଶ୍ୱାସ କରିପାରି ନଥିଲେ ଦୀପିକା' ଆଦି ପାଠର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା। ଜ୍ୟୋତିର୍ବିଜ୍ଞାନୀ ତଥା ଲେଖକ ଡ. ଶୁଭେନ୍ଦୁ ପଟ୍ଟନାୟକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ଖୁବ୍ ପ୍ରେରଣାଦାୟୀ ହୋଇଥିଲା।

*– ନୀତିନ ବିଶ୍ୱାଳ, ମୟୂରଭଞ୍ଜ*

✲ ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ମେଟାଲିକ୍ ଜ୍ୟାକେଟ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ମଡେଲ୍ ମିରର୍‌ରେ ଉଷାଶ୍ରୀ ଖୁବ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଦାର୍ ଥିଲା। ସହରଠୁ ଦୂର ପୃଷ୍ଠାରୁ 'ବେତାବ ଉପତ୍ୟକା' ସମ୍ପର୍କରେ ଅନେକ ତଥ୍ୟ ଜାଣିହେଲା।

*– ସୁକେଶ ତ୍ରିପାଠୀ, ସୁନ୍ଦରଗଡ଼*

✲ ବିବିଧା ପୃଷ୍ଠାରୁ 'ପାଣି କେଉଁଠି ମଧୁର ତ କେଉଁଠି ଲବଣାକ୍ତ ଲାଗେ କାହିଁକି' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ସେଲିବ୍ରେସନର ମଉଜ' ଶୀର୍ଷକ ପାଠଟି ବି ଖୁବ୍ ଶିକ୍ଷଣୀୟ ହୋଇଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାଟି ବି ଖୁବ୍ ମନଛୁଆଁ ହୋଇପାରିଥିଲା।

*– ନବଘନ ଦାସ, ଭଦ୍ରକ*

## ବିଶେଷ ଚିଠି




'ସ୍ୱାମୀଜୀଙ୍କ ମାର୍ଗରେ'
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
'ସେବାରେ ମନ' ଶୀର୍ଷକ ବି
ଥିଲା ଭାରି ବଢ଼ିଆ,
ମନ କିଣି ନେଉଥିଲା ପୁଣି
ତୁମ ସିନେମା ଖବରର ଦୁନିଆ।
ହେ ମୋର ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁଠୁ ଉତ୍ତମ।

*– ଛବିନା ମିଶ୍ର, ସାତଶଙ୍ଖ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଦେଶ ସେବାରେ ପରିବାର



**ମା**ତୃଭୂମିର ସେବା କରିବା ଭାବନା ନେଇ ଅନେକ ଯୁବତୀ ଯୁବକ ସୈନ୍ୟବାହିନୀରେ ଯୋଗଦେଇଥାନ୍ତି। ଯେଉଁ ପରିବାରରେ ଜଣେ ସେନା ବାହିନୀରେ କାମ କରନ୍ତି ତାଙ୍କ ପରିବାର ପ୍ରତି ଅନ୍ୟମାନଙ୍କର ସାଧାରଣରେ ଭଲ ପାଇବା ଓ ସମ୍ମାନ ଥାଏ। ଯାହା ସେଇ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ବି ପ୍ରଭାବିତ କରିଥାଏ। ଏଠାରେ ସେମିତି କେତୋଟି ପରିବାର ସମ୍ପର୍କରେ ଉଲ୍ଲେଖ ରହିଛି ଯେଉଁଠି ପରିବାରର ଜଣେ ସଦସ୍ୟ ସୈନ୍ୟବାହିନୀରେ ଯୋଗଦେବା ପରେ ତାଙ୍କଦ୍ୱାରା ଅନୁପ୍ରାଣିତ ହୋଇ ତାଙ୍କ ପୁଅ ଓ ଭାଇମାନେ ନିଜକୁ ଦେଶସେବାରେ ନିଜକୁ ନିୟୋଜିତ କରିଛନ୍ତି ....

**ଦେଶସେବା ଆମ ପାଇଁ ସୌଭାଗ୍ୟର କଥା:**ଦେଶ ପାଇଁ ବୀର ଯବାନମାନେ ପ୍ରତି ମୁହୂର୍ତ୍ତରେ କେତେ ଯେ ପ୍ରତିବନ୍ଧକ, କଷ୍ଟ ଓ ବିପଦକୁ ସାମ୍ନା କରିଥାନ୍ତି ତା’ କେବଳ ଅନୁଭବି ହିଁ ଜାଣେ। ଅସହ୍ୟ ଖରା ତାତି, ପ୍ରବଳ ବର୍ଷା, ବରଫ ଓ ଶୀତକାକରକୁ ଖାତିର ନ କରି ଦୁର୍ଗମ ଗିରିପଥରେ ଶତ୍ରୁପକ୍ଷଙ୍କୁ ଅହରହ ଲକ୍ଷ୍ୟଭେଦ କରିଥାନ୍ତି। ସେମାନଙ୍କର ସର୍ବଦା ଲକ୍ଷ୍ୟ ଥାଏ ଦେଶର ସୁରକ୍ଷା। ଏହି ଦେଶ ସୁରକ୍ଷାରେ ହିଁ ସେମାନଙ୍କର ଥାଏ ଗର୍ବ ଓ ଆତ୍ମସନ୍ତୋଷ। ଏମିତି ପ୍ରତିକୁଳ ପରିସ୍ଥିତି ସହ ଲଢି ଦେଶକୁ ସୁରକ୍ଷା ଦେଉଥିବା ଜଣେ ସେନାଧିକାରୀ ହେଲେ **କର୍ଣ୍ଣେଲ ଲଲାଟେନ୍ଦୁ ମହାପାତ୍ର** ସେ କୁହନ୍ତି, ୧୯୫୭ ମସିହାରେ ମୋର ଜନ୍ମ। ମା’ ମମତାରାଣୀ ମହାପାତ୍ର ଓ ପିତା ସ୍ୱର୍ଗତ ନୃସିଂହ ଚରଣ ମହାପାତ୍ର। ଘର କଳାହାଣ୍ଡି ଜିଲାର ଭବାନୀପାଟଣାରେ। ବାପା ଥିଲେ ଜଣେ ପ୍ରଧାନ ଶିକ୍ଷକ। ସେତେବେଳେ ବୋଡେନ୍ ଉଚ୍ଚବିଦ୍ୟାଳୟରେ ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ିଥିଲି । ପରେ ଭବାନୀପାଟଣା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନରେ ସ୍ନାତକ ଶିକ୍ଷା ସମାପ୍ତ କଲି। ଏହି କଲେଜ ସେତେବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ଆସୁଥିଲା। ମୁଁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ର୍ୟାଙ୍କ ହୋଲ୍ଡର ଥିଲି। ପରେ ରେଭେନ୍ସାରେ ଉଦ୍ଭିଦ ବିଜ୍ଞାନରେ ପିଜି କଲି। ମହାବିଦ୍ୟାଳୟର ଛାତ୍ର ଥିବା ବେଳେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀରେ ପ୍ରଶିକ୍ଷାର୍ଥୀଭାବେ ବିଭିନ୍ନ ପରେଡ୍ ଏବଂ ତାଲିମରେ ଭାଗ ନେଉଥିଲି। ସେତେବେଳେ ଜଣେ କ୍ୟାପ୍‌ଟେନ ପଦବୀର ସେନା ଅଧିକାରୀ ବଲାଙ୍ଗୀରସ୍ଥିତ ଏନ୍‌ସିସି ୟୁନିଟ୍‌ରୁ ଆସି ବିଭିନ୍ନ କଲେଜର କ୍ୟାଡେଟମାନଙ୍କୁ ଫାୟାରିଂରେ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଏବଂ ପରିଚାଳନାଗତ ଦକ୍ଷତା ମୋତେ ଅନୁପ୍ରାଣିତ କରିଥିଲା। ୧୯୭୯ ଜାନୁଆରୀରେ ଡେରାଡୁନସ୍ଥିତ ଇଣ୍ଡିଆନ ମିଲିଟାରି ଏକାଡେମୀରେ ଯୋଗଦେଇଥିଲି। ଇଣ୍ଡିଆନ ମିଲିଟାରି ଏକାଡେମୀରେ ଦେଢ଼ବର୍ଷର ପ୍ରଶିକ୍ଷଣ ନେଇଥିଲି। ୧୯୮୦ରେ ମାଡ୍ରାସ୍ ରେଜିମେଣ୍ଟରେ ଜଣେ କର୍ମଠ ଅଫିସରଭାବେ ଯୋଗଦେଇଥିଲି। ପରେ୧୬ ମାଡ୍ରାସ୍ ବାଟାଲିୟନରେ ଯୋଗ ଦେଲି। ଯାହାକି ଏକ ଖ୍ୟାତିସମ୍ପନ୍ନ ୟୁନିଟ୍ , ଏହା ଭାରତ ଓ ଭାରତ ବାହାର ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏବଂ ତତ୍କାଳୀନ ଭାରତର ସମସ୍ତ ଯୁଦ୍ଧରେ ବିଭିନ୍ନ ସେକ୍ଟରରେ ପାରଦର୍ଶିତା ଅର୍ଜନ କରିପାରିଥିଲା। ଏହି ବାଟାଲିଅନରେ ଦୀର୍ଘକାଳ କାର୍ଯ୍ୟରତ ରହି ଭାରତର ବିଭିନ୍ନ ସୀମାବର୍ତ୍ତୀ ଅଞ୍ଚଳ ଏବଂ ସାମରିକ ଅପରେଶନରେ ଭାଗ ନେଇଥିଲି। ହାଇ ଆଲର୍ଟ ଥିବା ବିଭିନ୍ନ ସୀମାବର୍ତ୍ତୀ ସ୍ଥାନ ଯଥା– ଚାଇନା ଓ ଅରୁଣାଞ୍ଚଳ ପ୍ରଦେଶ, ପାକିସ୍ତାନ ବର୍ଡରେ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ ସମ୍ପାଦନ କରିଥିଲି। ତାମିଲନାଡୁ, ୱେଲିଟନସ୍ଥ ଡିଫେନ୍ସ ସର୍ଭିସ୍ ଷ୍ଟାଫ୍ କଲେଜରୁ ଉତ୍ତୀର୍ଣ୍ଣ ହୋଇ ଆର୍ମି ହେଡ୍ କ୍ୱାର୍ଟର୍ସରେ ଇଣ୍ଟେଲିଜେନ୍ସ ବ୍ରାଞ୍ଚର ଫରେନ ଡିଭିଜନରେ ମଧ୍ୟ କାର୍ଯ୍ୟ କରିଥିଲି। ଦୀର୍ଘ ୩୦ ବର୍ଷ ପଦାତିକ ବାହିନୀରେ କାମ କଲାପରେ ୨୦୦୯ରେ ସ୍ୱେଚ୍ଛାକୃତ ଅବସର ନେଇସାରିଛି। ପରେ ଯୁବଗୋଷ୍ଠୀଙ୍କୁ ଆର୍ମି ପ୍ରତି ଆଗ୍ରହ ସୃଷ୍ଟି କରାଇବା ସହ ସେମାନଙ୍କ ମନରେ ଦେଶପ୍ରେମ ଓ ସାହସ ଜାଗ୍ରତ କରାଇବା, ଆର୍ମି ଫୋର୍ସରେ ନିଯୁକ୍ତି ପାଇଁ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ନିମନ୍ତେ କ୍ୟାରିୟର କାଉନ୍‌ସେଲିଂ କରିବାରେ ପ୍ରୟାସ ଜାରି ରଖିଛି। ଆର୍ମିରେ ନିଯୁକ୍ତି ପାଇଁ ଆଶାୟୀମାନଙ୍କ ଉଦ୍ଦେଶ୍ୟରେ ଲିଖିତ ପରୀକ୍ଷା ଏବଂ ମୌଖିକ ପରୀକ୍ଷା ପାଇଁ ପ୍ରସ୍ତୁତି ହେବା ନିମନ୍ତେ ନିଜସ୍ୱ ଉଦ୍ୟମରେ ପାଇକ ଏକାଡେମୀର ମିଳିତ ପ୍ରୟାସରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରୁଛି। ସେହିପରି ମୋର ପୁଅ **ଚେତନ ମହାପାତ୍ର** ପିଲାଟି ଦିନରୁ ଦେଶସେବା ପ୍ରତି ଆଗ୍ରହୀ ଥିଲା। ବଡ଼ ହେଲେ ସେ ସେନାରେ ଯୋଗ ଦେବ ବୋଲି ସବୁବେଳେ କହୁଥିଲା। ପରେ ଭୁବନେଶ୍ୱର ସ୍ଥିତ ବେସିକ୍ ସାଇନ୍ସ କଲେଜରୁ ରାସାୟନିକ ବିଜ୍ଞାନରେ ସ୍ନାତକୋତ୍ତର ସମାପ୍ତି କରି ଇଣ୍ଡିଆନ ମିଲିଟାରି ଏକାଡେମୀରେ ଯୋଗଦେଇ କମାଣ୍ଡିଂ ଅଫିସର ଭାବେ କାର୍ଯ୍ୟକରୁଛି। ଆମ ପରିବାରରୁ ମୁଁ ଏବଂ ମୋର ପୁଅ ଭାରତୀୟ ସୈନ୍ୟବାହିନୀରେ କାର୍ଯ୍ୟକରିଥିବାରୁ ଏହା ଆମର ସୌଭାଗ୍ୟ ବୋଲି ମନେକରୁଛୁ।

## ଆମ ପରିବାରରୁ ୫ ଜଣ ସୈନ୍ୟବାହିନୀରେ:

କ୍ୟାପ୍‌ଟେନ **ପ୍ରତାପଚନ୍ଦ୍ର ଚୌଧୁରୀ**। ପିତା ଅଖିଳନାଥ ଚୌଧୁରୀ। ଘର ନୟାଗଡ଼ ଜିଲାର ନୂଆଗାଁ ଅଧୀନ ବନ୍ତଲା ଗାଁରେ । ସେ କୁହନ୍ତି, ୧୯୭୮ ମସିହାରେ ସେନା ଶିକ୍ଷା କୋର୍‌ର ଶିକ୍ଷକ ଭାବେ ଯୋଗଦେଇଥିଲି। ଦୀର୍ଘ ୨୯ବର୍ଷ ଧରି ସେନାରେ ନିଜର କର୍ତ୍ତବ୍ୟ ପାଳନକରି ୨୦୦୭ରେ ସେବାନିବୃତ୍ତ ପାଇଲି। ପୂର୍ବରୁ ମୋର ଦାଦା ଅବନ୍ତୀ କୁମାର ସେନାପତି ଭାରତୀୟ ସୈନ୍ୟବାହିନୀରେ ଯୋଗଦେଇଥିଲେ। ତାଙ୍କର ଦେଶ ପାଇଁ କାମ କରିବା ମୋତେ ପ୍ରଭାବିତ କରିଥିଲା। କଲେଜରେ ଅଧ୍ୟୟନ କରୁଥିବାବେଳେ ଗଣତନ୍ତ୍ର ଦିବସରେ ସୈନିକମାନଙ୍କର ପରେଡ୍ ଦେଖି ମନକୁ ଆହୁରି ଦୃଢ କରିଥିଲି ଯେ, ଯେମିତି ହେଲେ ଆଗକୁ ସେନାରେ ଯୋଗ ଦେବି। ଆଉ ସେଇଥିପାଇଁ ମୋ ଉଦ୍ୟମ ଜାରି ରଖିଥିଲି। ଭଗବାନ ମୋର ଏହି ଇଛା ପୂରଣ କଲେ। ଆଉ ସମୟକ୍ରମେ ମୁଁ ସେନାରେ ଯୋଗଦେଲି। ସୈନ୍ୟବାହିନୀରେ କାର୍ଯ୍ୟ କରିବାର ଅନୁଭବ ବୋଧେ ସବୁଠୁ ନିଆରା। କେତେବେଳେ କ’ଣ ହେବ କହି ହୁଏନା। ବିଭିନ୍ନ ଅଞ୍ଚଳକୁ ସ୍ଥାନାନ୍ତରିତ ହେବାକୁ ପଡ଼ିଥାଏ। ଏମିତିରେ ଜମ୍ମୁ କଶ୍ମୀରଠାରୁ ଉତ୍ତର-ପୂର୍ବରେ ନାଗାଲାଣ୍ଡ ପର୍ଯ୍ୟନ୍ତ ଦକ୍ଷିଣରେ ବେଙ୍ଗାଲୁରୁ ପର୍ଯ୍ୟନ୍ତ ଯାଇଛି। ୧୯୮୭ ମସିହାରେ ଥରେ ଭାରତୀୟ ଶାନ୍ତି ସେନାରେ ସକ୍ରିୟ ସଦସ୍ୟ ଭାବେ ଯୋଗଦେଇ ଏକ ମିଶନ୍‌ରେ ଶ୍ରୀଲଙ୍କା ଯାଇଥିଲି। ଶ୍ରୀଲଙ୍କାର ଜାଫ୍‌ନା ଦ୍ୱୀପରେ ମୋତେ ଭାରତୀୟ ସେନାଙ୍କୁ ଅସ୍ତ୍ରଶସ୍ତ୍ର, ଗୋଳବାରୁଦ ଏବଂ ଅନ୍ୟ ଖାଦ୍ୟସାମଗ୍ରୀ ଯୋଗାଇବାର ଦାୟିତ୍ୱ ଦିଆ ଯାଇଥିଲା। ସେତେବେଳେ ଶ୍ରୀଲଙ୍କାରେ ଭାରତୀୟ ସେନା ଏବଂ ଏଲ୍‌ଟିଟିଇ ମଧ୍ୟରେ ଭୀଷଣ ଯୁଦ୍ଧ ଚାଲିଥାଏ। ସେହି ଯୁଦ୍ଧର ଭୟାବହତା ମନେପଡ଼ିଲେ ଏବେ ବି ମୋର ଲୋମ ଟାଙ୍କୁରିଯାଏ। ସେହି ଯୁଦ୍ଧରେ ମୁଁ ଏବଂ ଅନ୍ୟ ୪ଜଣ ଯବାନଙ୍କ ସହ ଏଲ୍‌ଟିଟିଇ ଉପରେ ଆକ୍ରମଣକରି ସାହସର ସହିତ ୩ଜଣ ଏଲ୍‌ଟିଟିଇ କ୍ୟାଡରଙ୍କୁ ହତ୍ୟା କରିଥିଲୁ। ପରେ ୧୧ଅକ୍ଟୋବରରେ ଆମେ ସେନା କ୍ୟାମ୍ପରେ ପହଞ୍ଚିଥିଲୁ।

→







ପ୍ରତାପଚନ୍ଦ୍ର ଚୌଧୁରୀ


ଲଲାଟେନ୍ଦୁ ମହାପାତ୍ର


ପ୍ରଦୀପ୍ତ ଚୌଧୁରୀ


ଗୋପାଳ ଚନ୍ଦ୍ର ସ୍ୱାଇଁ


ଶ୍ୟାମସୁନ୍ଦର ଦାସ


ନବନୀତ ଚୌଧୁରୀ



ଚେତନ ମହାପାତ୍ର


ପ୍ରବୀଣ ଚୌଧୁରୀ


ଗୌରବ ସ୍ୱାଇଁ


ଶହୀଦ ଗଙ୍ଗାରାମ ଦାସ

କହିବାକୁ ଗଲେ ସେହି ୩ଦିନ ହେଉଛି ମୋ ସୈନିକ ଜୀବନର ଅଭୁଲା ସ୍ମୃତି। ମୋ'ଠାରୁ ସୈନ୍ୟବାହିନୀର କାର୍ଯ୍ୟଶୈଳୀ ଓ ଦେଶ ସେବା କଥା ଶୁଣି ଶୁଣି ମୋର ସାନପୁଅ ସବୁବେଳେ ଚାହୁଁଥିଲା ସେ କେମିତି ବଡ଼ ହେଲେ ନିଜକୁ ଦେଶସେବାରେ ନିୟୋଜିତ କରିବ। ସେହି କଥା ପାଇଁ ସେ ପ୍ରଥମରୁ ହିଁ ନିଜକୁ ସେଥିପାଇଁ ପ୍ରସ୍ତୁତ କରୁଥିଲା। ଆଉ ଶେଷରେ ସେ ଦେଶ ସେବା କରିବାର ସୁଯୋଗ ପାଇଲା। ତା ନାଁ ହେଲା **କର୍ନେଲ ଡାକ୍ତର ନବନୀତ ଚୌଧୁରୀ।** ୨୦୧୧ମସିହାରେ ଭାରତୀୟ ସେନାରେ ଜଣେ ଡାକ୍ତର ଭାବେ ସେ ଯୋଗଦେଇଛି। ନବନୀତ ପୁଣେରେ ଏମ୍‌ବିବିଏସ୍ ଡିଗ୍ରୀ ପ୍ରାପ୍ତ କରିଥିବାପରେ ବର୍ତ୍ତମାନ ଜଣେ ଅସ୍ତ୍ରଶଲ୍ୟ ସର୍ଜନ ରୂପେ ସେନାରେ କାର୍ଯ୍ୟ କରୁଛି। ତା'ଛଡ଼ା ଆମ ପରିବାରରେ ମୋର ସାନଭାଇ **ପ୍ରଦୀପ୍ତ କୁମାର ଚୌଧୁରୀ,** ସେନାରେ ଇଞ୍ଜିନିୟରଭାବେ କାର୍ଯ୍ୟ କରିଛନ୍ତି। ସେହିପରି ଆଉ ଜଣେ ସାନଭାଇ **ପ୍ରବୀଣ କୁମାର ଚୌଧୁରୀ** ୧୯୮୬ରୁ ୨୦୦୬ ଯାଏ କାର୍ଯ୍ୟ କରିଥିଲେ। ସେ ଏବେ ସେବା ନିବୃତ୍ତ ହୋଇସାରିଛନ୍ତି। କହିବାକୁ ଗଲେ ଆମ ପରିବାରର ଭାଇମାନେ ଭାରତୀୟ ସେନାରେ ଯୋଗ ଦେଇଥିବାରୁ ନିଜକୁ ଧନ୍ୟ ମନେକରନ୍ତି।

**ପୁଅ ଶହୀଦ, ବାପା ସୈନିକ : ଶ୍ୟାମସୁନ୍ଦର ଦାସ** ଓ ଶାନ୍ତିଲତା ଦାସଙ୍କର ବଡ଼ପୁଅ ଥିଲେ **ଗଙ୍ଗାରାମ।** ଶ୍ୟାମସୁନ୍ଦର ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ତାଙ୍କଠାରୁ ସବୁବେଳେ ଦେଶ ମାତୃକାର ସେବା କଥା ଶୁଣି ଶୁଣି ପୁଅ ଗଙ୍ଗାରାମ ଦେଶ ସେବା କରିବା ପାଇଁ ମନେ ମନେ ନିଷ୍ପତ୍ତି ନେଇଥିଲେ। ବାପା ଯେତେବେଳେ ଘରକୁ ଆସୁଥିଲେ ସେ ସବୁବେଳେ ପଚାରୁଥିଲେ କେମିତି ସୈନ୍ୟମାନେ ଦେଶସେବା କରୁଛନ୍ତି। କେମିତି ଶତ୍ରୁ ସହ ଲଢୁଛନ୍ତି। ସୈନ୍ୟମାନଙ୍କର ରହିବା, ଖାଇବା ସବୁ ବିଷୟରେ ସେ ବାପାଙ୍କଠାରୁ ପଚାରି ବୁଝୁଥିଲେ। ଏହି ସବୁରେ ବହୁତ ଆଗ୍ରହ ଥିବାରୁ ବାପା ବି ଚାହୁଁଥିଲେ ସେ ବି ସୈନ୍ୟବାହିନୀରେ ଯୋଗ ଦେଉ। ଜଳେଶ୍ୱର ଡିକେ କଲେଜରେ ଯୁକ୍ତ୨ ପଢୁଥିବା ବେଳେ ୧୬ବର୍ଷ ବୟସରେ ସିକନ୍ଦରାବାଦ ଇଏମ୍‌ଇ ସେଣ୍ଟରରେ ଟ୍ରେନିଂ ପ୍ରାପ୍ତ ପରେ ଦେଶ ସେବା ପାଇଁ ୧୯୮୩ରେ ଭାରତୀୟ ସେନାରେ ମେକାନିକାଲ ପୋଷ୍ଟରେ ଯୋଗଦେଇଥିଲେ। ଆଉ ଯୋଗ ଦେବାପରେ ଖୁବ ଖୁସି ହୋଇ ଯାଇଥିଲେ। ହେଲେ ତାଙ୍କ ଖୁସି ବେଶିଦିନ ରହି ନ ଥିଲା। ୧୯୯୯ କାର୍‌ଗିଲ ଯୁଦ୍ଧରେ ସେ ଶହୀଦ ହୋଇଗଲେ। ଗାଁର ଲୋକମାନେ ଏକାଠିହୋଇ ଶହୀଦ ଗଙ୍ଗାରାମ ସ୍ମୃତି କମିଟି ଗଠନକରି ପ୍ରତିବର୍ଷ ତାଙ୍କର ସ୍ମୃତିଚାରଣ କରିଥାନ୍ତି। ଶ୍ୟାମସୁନ୍ଦର ଦାସ ସେନାରୁ ଅବସର ପରେ ଏବେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ କୁସୁଡ଼ା ଅଧୀନ ହରିଡ଼ା ଗ୍ରାମରେ ରହୁଛନ୍ତି।

**ବାପା ଓ ମୁଁ ସୈନିକ ବୋଲି ଗର୍ବ କରୁ:** ମୋ ବାପା **ଗୋପାଳ ଚନ୍ଦ୍ର ସ୍ୱାଇଁ** ଆର୍ମିରେ ଜଣେ ସୁବେଦାର ଭାବେ କାର୍ଯ୍ୟ କରୁଥିଲେ। ମୁଁ ବି ତାଙ୍କ ପରି ଜଣେ ସୈନିକ ହେବି ଏପରି ଇଚ୍ଛା ଥିଲା। କଲେଜ ପଢ଼ା ସମୟରେ କେତେଜଣ ସାଙ୍ଗ ଆର୍ମିରେ ଯୋଗଦେଇଥିଲେ। ସେ ସମୟରେ ମୁଁ ବିଏସ୍‌ସି ପଢୁଥାଏ। ସୈନ୍ୟବାହିନୀ ପାଇଁ ଉଦ୍ଦିଷ୍ଟ ପରୀକ୍ଷା ଦେଇ ସଫଳ ହେଲି। ତା' ପରେ ମୋର ପ୍ରଥମ ପୋଷ୍ଟିଂ ହୋଇଥିଲା ସିକନ୍ଦରାବାଦରେ। ଆର୍ମି କାର୍ଯ୍ୟରେ ଯୋଗଦେଲା ବେଳେ ବିପଦପୂର୍ଣ୍ଣ ବରଫାଚ୍ଛନ୍ନ ପାହାଡ଼ରେ ଚଢ଼ିଥିଲି। ଏଠାରେ ପାଦେ ପାଦେ ବିପଦ ରହିଥାଏ। ଅମ୍ଳଜାନ ବି କମ୍। ୧୯୯୯ ମସିହାରେ ଲକ୍ଷ୍ନୌର ଆର୍ମି ମେଡିକାଲରେ ନର୍ସିଂ ଆସିଷ୍ଟାଣ୍ଟଭାବେ ଯୋଗଦେଇଥିବା କୁହନ୍ତି ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲର ବୋଧେଇ ଗାଁର **ଗୌରବ ସ୍ୱାଇଁ।** ସେ କୁହନ୍ତି ,ଆର୍ମି ନର୍ସିଂ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟକରି ୨୦୧୮ରୁ ଅବସର ନେଇସାରିଲିଣି। କାର୍‌ଗିଲ ଯୁଦ୍ଧ ଚାଲିଥିବା ସମୟର କଥା। କୁର୍ ସେକ୍ଟରରେ ଆମେ ରହିଥିଲୁ। ଯୁଦ୍ଧରେ ଆହତ ସୈନିକମାନଙ୍କୁ ଚିକିତ୍ସା କରୁଥିଲୁ। ପୂର୍ବରୁ ସେତେବେଳେ ସିଆଚେନ୍‌ରେ ପ୍ରାୟ ୨୦ ହଜାର ଫୁଟ ଉଚ୍ଚତାରେ କାର୍ଯ୍ୟ କରୁଥିଲୁ। ସେଠାରେ ଯାତାୟାତର ସୁବିଧା ନ ଥିଲା। ପାଦରେ ଚାଲିଚାଲି ଚାରିଆଡ଼େ ଯିବାକୁ ପଡୁଥିଲା। ପାହାଡ଼ରେ ଚାରିଆଡ଼େ ବରଫାଚ୍ଛନ୍ନ । ପୁଣି ପାହାଡ଼ ଉପରେ ବରଫର ଚାଦର ଘୋଡ଼େଇ ହୋଇ ରହିଥାଏ। ଏଥିରେ ଚାଲିଲା ବେଳେ ପୂରା ସାବଧାନ! ଅଣ୍ଟାରେ ଦୌଡ଼ି ବନ୍ଧାଯାଇଥାଏ। ବେଳେବେଳେ ପାହାଡ଼ର ଖାଇ ଉପରେ ବରଫର ଆସ୍ତରଣରେ ଚାଲିଲା ବେଳେ ଅଜଣାଭାବେ ଯଦି କାହାରି ପାଦ ପଡ଼ିଯାଏ ତେବେ ସେ ସେହି ଖାଇ ଭିତରେ ଗଳିପଡ଼ିବାର ବହୁ ସମ୍ଭାବନା ରହିଥାଏ। ଏମିତିରେ ପୂର୍ବରୁ ଆମ ଆଗରେ ଯାଇଥିବା କେତେଜଣଙ୍କ ମୃତ୍ୟୁ ମଧ୍ୟ ଘଟିଥିଲା। ଏଠାରୁ ଜୀବନ ନେଇ ବଞ୍ଚିବା ମୁସ୍କିଲ । ମାତ୍ର ସୈନିକମାନେ ସର୍ବଦା ସର୍ତ୍ତକ ରହିଥାନ୍ତି। ଏହି ଘଟଣା ଆଜି ବି ମୋ ମନରେ ଘର କରି ରହି ଯାଇଛି। ଏବେ ମୋ ବାପା ସେନାରୁ ସେବା ନିବୃତ ହୋଇଥିବା ବେଳେ ମୁଁ ମଧ୍ୟ ସେବାନିବୃତ୍ତ ହୋଇଛି। ଦେଶ ପାଇଁ ସୈନିକଭାବେ କାର୍ଯ୍ୟ କରିଥିବାରୁ ନିଜକୁ ଧନ୍ୟ ମନେକରୁଛି। ଅନ୍ୟପକ୍ଷେ ଗୌରବଙ୍କ ପିତା ଗୋପାଳ ଚନ୍ଦ୍ର ସ୍ୱାଇଁ ନିଜର ସେନାରେ ଯୋଗଦାନ ସମ୍ପର୍କରେ କୁହନ୍ତି , 'ସ୍କୁଲରେ ଏନ୍‌ସିସିରେ ଯୋଗଦେବା ସମୟରୁ ହିଁ ମୋର ଇଚ୍ଛା ଥିଲା ସେନାବାହିନୀରେ କାମ କରିବି। ଶେଷରେ ୧୯୭୧ମସିହାରେ ଆର୍ମିରେ ହାବିଲଦାର ପଦବୀରେ ନିଯୁକ୍ତ ହୋଇଥିଲି। ସେସମୟରେ ଆର୍ମିରେ ଆମେ ଟ୍ରେନିଂ ପିରିୟଡ୍‌ରେ ହିମାଳୟରେ ଚଢ଼ିଥିଲୁ। ଆର୍ମିର ବିଭିନ୍ନ ସେକ୍ଟରରେ କାମ କରିଥିଲୁ। ସୈନିକଭାବେ ଦେଶ ପାଇଁ କାର୍ଯ୍ୟକରି ୧୯୯୭ ମସିହାରେ ଅବସର ନେଇସାରିଛି। ଏବେ ଭୁବନେଶ୍ୱରରେ ରହୁଛି। ମୁଁ ଏବଂ ମୋର ପୁଅ ସୈନିକଭାବେ କାର୍ଯ୍ୟ କରିଥିବାରୁ ନିଜକୁ ଭାଗ୍ୟବାନ୍ ମନେକରୁଛି। ଏମାନଙ୍କ ବ୍ୟତୀତ ଆହୁରି ଅନେକ ପରିବାରର ଏକାଧିକ ସଦସ୍ୟ ଅଛନ୍ତି, ଯେଉଁମାନେ କି ଭାରତୀୟ ସୈନ୍ୟବାହିନୀରେ ଯୋଗଦେଇ ଦେଶ, ଜାତି ପାଇଁ ପ୍ରେରଣା ପାଲଟିଛନ୍ତି।

**–ବନବିହାରୀ ବେହେରା**



# ସ୍ୱପ୍ନ ସବୁ ସତ ହୋଇଛି

**ଶିଶୁ କଳାକାରରୁ ତାଙ୍କର ଅଭିନୟର କ୍ୟାରିୟର ଆରମ୍ଭ । ପରେ ମ୍ୟୁଜିକ ଭିଡ଼ିଓ ଓ ସିରିୟଲରେ ଦେଖାଇଲେ ନିଜ ଅଭିନୟର ଯାଦୁ । ଏବେ ଖୁବ୍ ଶୀଘ୍ର ସେ ବଡ଼ ପରଦାରେ ହିରୋଇନ୍ ଭୂମିକାରେ ଦେଖାଦେବେ। ସେ ହେଲେ ପୁଣ୍ୟତୋୟା ପାଣିଗ୍ରାହୀ। ଏଥର ଜାଣିବା ତାଙ୍କ ଜୀବନର କିଛି ସିକ୍ରେଟ୍...**







**ଛୋଟବେଳୁ ଡ୍ରାମେବାଜ୍:** ଘର, ବାଲେଶ୍ୱରର ଗୋପାଳପୁରରେ । ବାପା ଉମେଶ ଚନ୍ଦ୍ର ପାଣିଗ୍ରାହୀ ଜଣେ ଲେକ୍ଚରର, ମା' ବୀଣାପାଣି ପାଣିଗ୍ରାହୀ ଏକ ସାପ୍ତାହିକ ଖବରକାଗଜର ଏଡିଟର । ଆମେ ଭାଇ ଭଉଣୀ ୨ଜଣ । ପିଲାଦିନେ ମୁଁ ବହୁତ ନଟଖଟ୍ ଓ ଡ୍ରାମେବାଜ୍ ଥିଲି ।

**ଶିଶୁ କଳାକାରରୁ ଆରମ୍ଭ:** ପିଲାଦିନେ ମୁଁ ଓଡ଼ିଶୀନୃତ୍ୟ ସହ ଶାସ୍ତ୍ରୀୟ ସଙ୍ଗୀତ ଶିଖୁଥିଲି । ହେଲେ ଗୀତ ଅପେକ୍ଷା ନାଚ ପ୍ରତି ମୋର ବେଶି ଆଗ୍ରହ । ବୁମ୍ ସାକା ଲାକା, ଇଟିକିଲି ମିଟିକିଲି ଆଦି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲି । ସେଇଠି ମତେ ଦେଖି ଜଣେ ଡାଇରେକ୍ଟର ତାଙ୍କ ଚଳଚ୍ଚିତ୍ରରେ ଶିଶୁ କଳାକାର ପାଇଁ ଅଫର ଦେଇଥିଲେ । ଶିଶୁ କଳାକାର ଭାବେ ମୋର ପ୍ରଥମ ଚଳଚ୍ଚିତ୍ର ଥିଲା 'ବନ୍ଧନ' । ତା'ପରେ 'ଯୋଉଠି ତୁ ସେଇଠି ମୁଁ' ଚଳଚ୍ଚିତ୍ରରେ ଅଭିନୟ କରିଥିଲି ।

**ଜଷ୍ଟ ପାସ୍‌ରୁ ଫାଷ୍ଟ କ୍ଲାସ୍:** ପାଠପଢ଼ାରେ ମୋର ଜମା ମନ ନ ଥିଲା । ଗଣିତରେ ଏତେ ଦୁର୍ବଳ ଥିଲି ଯେ, ଜଷ୍ଟ ପାସ୍ ହେଉଥିଲି । ବେଳେବେଳେ ଲାଗୁଥିଲା ସାର୍‌ମାନେ ଦୟାକରି ପାସ୍ କରିଦେଉଥିଲେ । ନବମ ଶ୍ରେଣୀ ବେଳକୁ ଘରେ କହିଲେ, ଏମିତି ଯଦି ମାର୍କ ରଖିବୁ ଦଶମ ବୋର୍ଡ ପରୀକ୍ଷାରେ ଫେଲ୍ ହୋଇଯିବୁ । ଆମେ କାହାକୁ ମୁହଁ ଦେଖେଇପାରିବୁନାହିଁ । ସେ କଥାକୁ ମୁଁ ଏତେ ସିରିୟସ୍‌ଲି ନେଲି ଯେ, ଖୁବ୍ ମନ ଦେଇ ପଢ଼ିଲି । ସବୁବେଳେ ଖାଲି ମ୍ୟାଥ୍ କଷିଲି । ଏମିତିକି ସ୍କୁଲର ଅନ୍ୟ ପିରିୟଡରେ ବି ମୁଁ ମ୍ୟାଥ୍ କଷୁଥିଲି । ଶେଷରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଯେତେବେଳେ ରେଜଲ୍ଟ ବାହାରିଲା ମୁଁ ଏ୧ ଗ୍ରେଡ୍ ରଖି ଫାଷ୍ଟ ଡିଭିଜନ୍‌ରେ ପାସ୍ ହୋଇଥିଲି । ଆଉ ମ୍ୟାଥ୍‌ରେ ଥିଲା ୯୬ ମାର୍କ । ପରେ ଶୈଳବାଳା ଓମେନ୍ସ କଲେଜରେ କଳାରେ ଯୁକ୍ତ ୨ ଓ ଯୁକ୍ତ ୩ ପଢ଼ିଲି ।

**ଓକିଲାତି:** ଘରେ ମୁଁ ପଏଣ୍ଟ ଟୁ ପଏଣ୍ଟ ଯୁକ୍ତି କରେ । ସେଇଥିପାଇଁ ବୋଧେ ବାପା ଭାବିଲେ ମୁଁ ଭଲ ଓକିଲ ହେଇପାରିବି । ସେଥିପାଇଁ ଯୁକ୍ତ ୩ ପରେ ଓକିଲାତି କରିବାକୁ କହିଲେ । ଏଇ ନିକଟରେ ଓକିଲାତି ପଢ଼ା ସରିଲା ।

**ମ୍ୟୁଜିକ୍ ଭିଡିଓରୁ ଫିଲ୍ମ:** ଏଲ୍‌ଏଲ୍‌ବି କଲାବେଳେ ଲକ୍‌ଡାଉନ୍ ହେଲା । ସେଇ ସମୟରେ ହିଁ ମ୍ୟୁଜିକ ଭିଡିଓର ଅଫର ପାଇଲି । ଘରେ ରାଜି ନ ଥିଲେ ପଢ଼ାରେ ଅସୁବିଧା ହେବ ବୋଲି । ହେଲେ ତାଙ୍କୁ ବୁଝେଇଲି ମୁଁ ମ୍ୟାନେଜ କରିନେବି । ଏହାପରେ ମୁଁ ୭-୮ଟା ମ୍ୟୁଜିକ ଭିଡିଓରେ କାମ କଲି । ତା'ପରେ ସିରିୟଲର ଅଫର ଆସିଲା । 'ଶାନ୍ତି' ସିରିୟଲରେ କାମ କଲି । ତା'ସହ 'ଖୁସିର ଛୁଙ୍କ'ରେ କିଛିଦିନ କାମ କଲି । ଶୁଟିଂ ସେଟ୍‌ରେ ସଟ୍ ଦେବାପରେ ପଢୁଥିଲି । ଏମିତିକି ପରୀକ୍ଷା ଦେଇ ଆସିବା ପରେ ବି ସଟ୍ ଦେଇଛି । ହେଲେ କିଛି କାରଣରୁ ମୁଁ ସେ ସିରିୟଲକୁ ଅଳ୍ପ ଦିନରେ ଛାଡ଼ିଦେଲି । ୬ ମାସ ଗ୍ୟାପ୍ ଦେଲି । ଏହାପରେ ମତେ 'ଲାଇଫ୍ ପାର୍ଟନର୍' ଓ 'ତୋର ମୋର ପ୍ରେମ'ମୁଭିର ଅଫର୍ ଆସିଲା । 'ଲାଇଫ୍ ପାର୍ଟନର' ଟିଭିରେ ରିଲିଜ ହେବ ।  'ତୋର ମୋର ପ୍ରେମ' ଫେବୃଆରୀ ଅବା ମାର୍ଚ୍ଚ ମାସରେ ରିଲିଜ ହେବାର ଯୋଜନା ଅଛି ।

**ଅବସର ସମୟରେ:** ଫୁର୍‌ସତ୍ ମିଳିଲେ ମୁଭି, ୱେବ ସିରିଜ ଦେଖିବା ଏବଂ ନୂଆ ନୂଆ ଜାଗା ବୁଲିବାକୁ ଭଲ ପାଏ । ମୋ ଡ୍ରିମ ଡେଷ୍ଟିନେଶନ ହେଉଛି ଆଇସ୍‌ଲାଣ୍ଡ । ଜୀବନରେ ଥରେ ନର୍ଦ୍ଦେନ ଲାଇଟ୍ ଦେଖିବାର ଇଚ୍ଛା ଅଛି ।

**ଫିଟ୍‌ନେସ୍ ମନ୍ତ୍ର:** ଅଏଲି ଫୁଡ୍ ଆଭୋଏଡ କରେ । ସକାଳେ ଆପଲ ସାଇଡର ଭିନେଗାର ପିଏ । ସାଲାଡ ଅଧିକ ଖାଏ । ପାଣି ପ୍ରଚୁର ପିଏ । କାର୍ଡିଓ କରେ ।

**ବିଉଟି ପାଇଁ:** ପ୍ରଚୁର ପାଣି ପିଏ । ତା'ସହ ମାମା ମତେ କଞ୍ଚା ହଳଦୀ, ଅଦା, ଲେମ୍ବୁ ଓ ମହୁକୁ ନେଇ ଏକ ସ୍ପେଶାଲ ଡ୍ରିଙ୍କ ପିଇବାକୁ ଦିଏ । ମତେ ଲାଗେ ସେଇ ଡ୍ରିଙ୍କ ମତେ ଭିତରୁ ଗ୍ଲୋ ଦିଏ ।

**ଖୁସିର ମୁହୂର୍ତ୍ତ:** ମୁଁ ସ୍କୁଲ ଗଲାବେଳେ ରାସ୍ତାରେ ମନୋହରଲାଲ ପାଲା ଜୁଏଲରଙ୍କର ହୋର୍ଡିଂ ଦେଖୁଥିଲି । ଯେଉଁଥିରେ ପ୍ରତିବର୍ଷ ସୁନ୍ଦର ସୁନ୍ଦର ମଡେଲ ସ୍ଥାନ ପାଉଥିଲେ । ସେତେବେଳେ ଭାବୁଥିଲି, ମୁଁ ବି ଦିନେ ଏଇ ହୋର୍ଡିଂରେ ଆସନ୍ତିକି! ଅଭିନୟ ଜଗତକୁ ଆସିବା ପରେ ହଠାତ୍ ଥରେ ମନୋହରଲାଲ ପାଲଙ୍କ ବିଜ୍ଞାପନର ହୋର୍ଡିଂ ପାଇଁ ଅଫର୍ ଆସିଲା । ସେଦିନ ଆଉ ଏକ ବିଜ୍ଞାପନ ପାଇଁ ବି ଅଫର ଆସିଥିଲା । ହେଲେ ତାକୁ କ୍ୟାନ୍‌ସଲ କରି ଏହି ବିଜ୍ଞାପନରେ କାମ କରିବି ବୋଲି ହଁ କଲି । ଏଇ ହୋର୍ଡିଂ ଦେଖି ଆମ ଗାଁର ସମସ୍ତେ ଖୁସି ହେଇଥିଲେ । ମୋ ମାମା ସେଇ ହୋର୍ଡିଂ ପାଖରେ ଠିଆ ହେଇ ଫଟୋ ଉଠେଇଥିଲେ ।

**ଡରେ:** ମୋ ମାମା ମୋର ବଡ଼ ସପୋର୍ଟର । ଆଉ ତାଙ୍କୁ ହିଁ ମୁଁ ବେଶି ଡରେ ।

**ହୋର୍ଡିଂକୁ ଦେଖି ଆରମ୍ଭ ହେଇଥିଲା ପ୍ରେମ:** ମୋ ପ୍ରେମ କାହାଣୀ ବି ଗୋଟେ ସ୍ୱପ୍ନ ଭଳି । ମୁଁ ତୁଷାରଙ୍କୁ ପ୍ରଥମେ ତାଙ୍କର 'ତିତ୍‌ଲି' ମୁଭିର ହୋର୍ଡିଂରେ ଦେଖିଥିଲି । ସେଦିନ ମୁଁ କହିଥିଲି, କେତେ ହ୍ୟାଣ୍ଡସମ୍ ପିଲା । ଇଏ ମୋର ବୟଫ୍ରେଣ୍ଡ ହୋଇଥାଆନ୍ତେ କି । ସେଦିନ ମୁଁ କୋଉ ବେଳାରେ ଏକଥା କହିଥିଲି କେଜାଣି ଭଗବାନ ସାଙ୍ଗେ ସାଙ୍ଗେ ମୋ କଥାରେ ହଁ କରିଥିଲେ । 'ଖୁସିର ଛୁଙ୍କ' ଶୁଟିଂ ସେଟ୍‌ରେ ତାଙ୍କ ସହ ଦେଖା ହେଲା । ତାଙ୍କୁ ଦେଖି ଭାରି ଖୁସି ଲାଗିଥିଲା । ହେଲେ ଆମର ଏକାଠି ସିନ୍ ନ ଥିବାରୁ କେବେ କଥା ହେଇ ନ ଥିଲୁ । ଯେବେ ମୁଁ ସେ ସିରିୟଲ ଛାଡ଼ିଲି, ସମସ୍ତେ ବୁଝେଇଥିଲେ ନ ଛାଡିବାକୁ । ମୁଁ କିନ୍ତୁ କାହା କଥା ଶୁଣି ନ ଥିଲି । ଶେଷରେ ତୁଷାରଙ୍କୁ ପଠାଯାଇଥିଲା ମତେ ବୁଝାଇବାକୁ । ଯେତେବେଳେ ମୁଁ ତାଙ୍କୁ ମୋ ଛାଡିବାର କାରଣ କହିଲି ସେଦିନ ସେ ମୋତେ ସପୋର୍ଟ କରିଥିଲେ । ଭାବିଲି ଯାହା ହେଉ କେତେ ଅଣ୍ଡରଷ୍ଟାଣ୍ଡିଂ ପିଲା । ତା'ପରେ ଆମେ ଫୋନ୍‌ରେ କଥା ହେଲୁ । ବେଳେବେଳେ କାମକୁ ନେଇ ଦେଖା କଲୁ । ଆଶ୍ଚର୍ଯ୍ୟର କଥା ତାଙ୍କୁ ଦେଖିବା ମାତ୍ରେ ମୋ ମନରେ ଘଣ୍ଟି ବାଜୁଥିଲା । ପେଟରେ ପ୍ରଜାପତି ଉଡି ଯାଉଥିଲା । ମତେ ଲାଗୁଥିଲା ଖାଲି ମୋର ନୁହେଁ ତାଙ୍କର ଅବସ୍ଥା ବି ଏମିତି ହେଉଥିଲା । ଦିନକର କଥା ସେ ମତେ ଇନ୍‌ଫୋସିଟିର ଏକ ସୁସଜ୍ଜିତ ରିସର୍ଟକୁ ଡାକିଥିଲେ ଏକ ମ୍ୟୁଜିକ ଭିଡିଓର ଲୋକେଶନ ଦେଖେଇବା ଲାଗି । ହେଲେ ହଠାତ୍ ସେଠି ସେ ଏକ ରିଙ୍ଗ୍ ଓ ଫୁଲ ଧରି ମତେ ପ୍ରପୋଜ କଲେ । ଆମ ପ୍ରତ୍ୟୁଷର ସେଦିନ ଫଟୋଗ୍ରାଫର ହୋଇ ଫଟୋ ଉଠାଇଲେ । ସ୍ୱପ୍ନ ଯେ ଏମିତି ସତ ହେବ କେବେ ଭାବି ନ ଥିଲି । ସାଙ୍ଗେ ସାଙ୍ଗେ ତାଙ୍କ ପ୍ରପୋଜାଲକୁ ହଁ କଲି । ପରେ ପରିବାରକୁ ଜଣାଇଲୁ । ଆଉ ବାହାଘର ହୋଇଗଲା ।


**କ୍ୟାରିୟର ଉପରେ ପ୍ରଭାବ ପକାଏନି ବାହାଘର:** କମ୍ ବୟସରୁ ବାହାହୋଇଥିବାରୁ ଅନେକେ କହିଲେ, କ୍ୟାରିୟର ଶେଷ ହେଇଯିବ । ହେଲେ ମୋ ଶାଶୁଘର ଲୋକ ବହୁତ ଭଲ । କହିବାକୁ ଗଲେ ବାହାଘର ପରେ ହିଁ ମୁଁ ଅଧିକ କାମ କରିବାର ସୁଯୋଗ ପାଇଛି ।

**ରୋଷେଇ ଆସେ:** ପୋହା, ବିଭିନ୍ନ ପ୍ରକାର ଚଟଣି ଏବଂ ଗାଜର ହାଲୁଆ କରିପାରେ । ତେବେ ସବୁଠୁ ବେଶି ଭଲ କରେ ମ୍ୟାଗି ।

**ଆଗାମୀ ଯୋଜନା:** ଆମ ଦୁହିଁଙ୍କୁ  ନେଇ ଏକ ମୁଭି ହେବାର ଅଛି । ମୋ ମୁଭି 'ଜୟ ହିନ୍ଦ୍'ର ସୁଟିଂ ସରିନି, ତାଙ୍କ 'କନ୍ୟାଦାନ' ସିରିୟଲ ବି ସରିନି । ଦୁଇଟା ଯାକ ସରିଲେ ମୁଭିର ସୁଟିଂ ଆରମ୍ଭ ହେବ ।

**-ଶିବାନୀ ମହାନ୍ତି**

# ପ୍ରେମକୁ ଛାଡ଼ି ଜୀବନ ନାହିଁ କି କବିତା ନାହିଁ






“୩ୟ ଶ୍ରେଣୀରେ ପଢୁଥିବା ବେଳେ ସ୍କୁଲରେ ଆୟୋଜିତ ଭରସା ଶିଶୁ ନାଟକରେ ମୁଁ ଭଲ ଅଭିନୟ କରିଥିଲି। ମା’ କହିଲା ତୁ ଟିକେ ଟିଭିରେ ବାହାରନ୍ତୁନି, ସତକୁ ସତ ପରବର୍ତ୍ତୀ ସମୟରେ ଦୂରଦର୍ଶନର ଏକ ଧାରାବାହିକ ‘ଅଧିକାର’ରେ ଅଭିନୟ କରିବାର ସୁଯୋଗ ମିଳିଲା”...

ପିଲାଟି ଦିନରୁ ଗୀତିନାଟ୍ୟ ପ୍ରତି ଥିଲା ତାଙ୍କର ପ୍ରବଳ ଆଗ୍ରହ। ପରେ ଅଭିନୟ ସହ ଗୀତି କବିତା ଲେଖିବାରେ ସେ ମନୋନିବେଶ କଲେ ; ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଜଣେ ଅଭିନେତା ଆଉ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଭାବରେ ପରିଚିତି ଦେଲା। ଏହାବାଦ୍ ଏଯାବତ୍ ସେ ଶତାଧିକ ମଞ୍ଚ ନାଟକ, ଟିଭି ଧାରାବାହିକ ଓ ଓଡ଼ିଆ ସିନେମା ଆଦିରେ ଅଭିନୟ କରିଛନ୍ତି। ସେ ହେଲେ **ଡକ୍ଟର ତୋଫାନ ଜେନା**। ଜନ୍ମ ୮।୮।୧୯୬୧ମସିହାରେ। ମାତା– ଜେମାମଣି ଜେନା, ପିତା–ନରେନ୍ଦ୍ରନାଥ ଜେନା। ଘର ଜଗତ୍‌ସିଂହପୁର ଜିଲାର ବିରିଡ଼ି ବ୍ଲକ ଅଧୀନ ହାଜିପୁର ଗାଁରେ। ସେ କୁହନ୍ତି, ‘ମା’ବାପାଙ୍କର ମୁଁ ଏକମାତ୍ର ପୁଅ। ମୋ ବାପା ଥିଲେ ରିଜିଓନାଲ ଲାବରେଟୋରିର ଜଣେ କର୍ମଚାରୀ ଏବଂ ଜଣେ ଭଲ ନାଟ୍ୟ ଅଭିନେତା ଓ ନିର୍ଦ୍ଦେଶକ। ସେତେବେଳେ ଆମ ଗାଁରେ ଆୟୋଜିତ ହୋଇଥିବା ଥିଏଟରରେ ମୋ ବାପା ଅଭିନୟ କରିବା ସହ ବାଦ୍ୟଯନ୍ତ୍ର ବି ବଜାଉଥିଲେ। ମୋତେ ଯେତେବେଳେ ଆଠବର୍ଷ ମୋ ବାପାଙ୍କ ଦେହାନ୍ତ ହୋଇଗଲା। କିନ୍ତୁ ତାଙ୍କ ନାଟ୍ୟକଳାର ପ୍ରଭାବ ମୋ ଉପରେ ପଡ଼ିଥିଲା। ୩ୟ ଶ୍ରେଣୀରେ ପଢୁଥିବା ବେଳେ ସ୍କୁଲରେ ଆୟୋଜିତ ଭରସା ଶିଶୁ ନାଟକରେ ମୁଁ ଭଲ ଅଭିନୟ କରିଥିଲି। ଅନ୍ୟମାନେ ମୋତେ ଉତ୍ସାହିତ କରିଥିଲେ। ମା’ କହୁଥିଲା ତୁ ଟିକେ ଟିଭିରେ ବାହାରନ୍ତୁନି, ସତକୁ ସତ ପରବର୍ତ୍ତୀ ସମୟରେ ଦୂରଦର୍ଶନର ଏକ ଧାରାବାହିକ ‘ଅଧିକାର’ରେ ଅଭିନୟ କରିବାର ସୁଯୋଗ ମିଳିଲା। ଆଉ ସେବେଠାରୁ ପଛକୁ ଚାହିଁ ନାହିଁ। ମଞ୍ଚନାଟକ ଭାବେ କହଇ ଜଗନ୍ନାଥ ଦାଶ, କମଳପୁର ଡାକଘର, ଚାରିଛକ, ହଂସ ଶିକାର, ଭାଲୁ ଉପଦ୍ରବ, ଆଉରେଙ୍ଗଜେବ, ମାଟି ବୈକୁଣ୍ଠ, ନ ପାହୁ ରାତି ନ ମରୁ ପତି ଆଦି ଶତାଧିକ ନାଟକରେ ଅଭିନୟ କରିସାରିଛି। ନାଟକର କାହାଣୀକୁ ଆଧାରକରି କୌଣସି ଏକ ଚରିତ୍ରର ଅଭିନୟ ବେଳେ ମୁଁ ନିଜସ୍ୱ ଶୈଳୀରେ ଅଭିନୟ କରିଥାଏ, କିନ୍ତୁ ଯେଉଁ ଚରିତ୍ରରେ ଅଭିନୟ କରିବାକୁ ହୁଏ ସେତେବେଳେ ନିଜକୁ ସେହି ଚରିତ୍ରରେ ହଜେଇ ଦେଇଥାଏ। ଏଥିପାଇଁ କିଛି ଘଣ୍ଟା ପୂର୍ବରୁ ନିଜକୁ ସେହି ଚରିତ୍ରର ଭାବକୁ ଅନୁଭବ କରିଥାଏ। ମୋ ଅଭିନୀତ ସିରିଏଲଗୁଡ଼ିକ ହେଲା ଅଧିକାର, ପ୍ରତିଘାତ, ତୁଳସୀ, ଜନନୀ, ଦୁର୍ଗା, ଗଙ୍ଗାଯମୁନା, ସରସ୍ୱତୀ, କିଏ ପର କିଏ ଆପଣାର, ଖୁସୀର ଛୁଙ୍କ, ମେକାନିକ ଦିଦି, ଝିଲି, ତୁ ମୋ ଆଖିର ତାରା, ମଧୁର ସଂସାର, ଭାଗ୍ୟରେଖା, ବଡ଼ ବୋହୂ ଓ ସିନେମା ଭିତରେ –ଏଇ ମିଳନ ଯୁଗଯୁଗର, ମହାନାୟକ, ଜଗନ୍ନାଥ ନବକଳେବର ଆଦିରେ ଅଭିନୟ କରିସାରିଛି। ଏହାବାଦ୍ ୧୯୭୭ରୁ ଶିଶୁ ରାଇଜ,ମିନାବଜାର, ମନପବନ ଆଦି ପତ୍ରପତ୍ରିକାରେ ମୋର ଏକାଧିକ ଲେଖା ଓ ଗୀତିକବିତା ପ୍ରକାଶିତ ହୋଇଛି। ପ୍ରାୟ ଦେଢ଼ହଜାର ଗୀତି କବିତା ଏହା ଭିତରେ ଲେଖିସାରିଲିଣି। ମୋ କବିତାର ଅନ୍ତଃସ୍ୱର କ’ଣ ବୋଲି ପଚାରିଲେ, ମୁଁ କହିବି ପ୍ରେମ। ପ୍ରେମକୁ ଛାଡ଼ି ଜୀବନ ନାହିଁ କି କବିତା ନାହିଁ। ଯେଉଁ ଅନୁଭବରୁ ‘ପ୍ରେମ ପାରିଜାତ’ ଗୀତିକବିତା ସଂକଳନ ପ୍ରକାଶିତ ହୋଇଛି। ଏ ତ ଗଲା ମୋ ରୁଚିର କଥା। ଆଉ ଯଦି ମୋ କ୍ୟାରିୟର୍ କଥା କହିବି, ପିଲାଦିନେ ଦୁଦୁରା ପାଟଣା ପ୍ରାଥମିକ ସ୍କୁଲରେ ପ୍ରାଥମିକ ଶିକ୍ଷା, ଖଲ୍ଲିକୋଟ କଲେଜରେ ଆଇଏସ୍‌ସି, ରାଜସ୍ଥାନରେ ବି.ଟେକ୍ ଇଞ୍ଜିନିୟରିଂ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ଓ କର୍ନାଟକ ରାଜ୍ୟ ବିଶ୍ୱବିଦ୍ୟାଳୟରେ ଏମ୍.ଏସ୍.ଡବ୍ଲ୍ୟୁ ସାରିଛି। ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ଓ ସମାଜସେବା ନିମିତ୍ତ ଆମେରିକାର ବୋଷ୍ଟନସ୍ଥିତ ରୟାଲ ଆମେରିକାନ୍ ୟୁନିଭର୍‌ସିଟିରୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ଲାଭ କରିଛି। ବୃତ୍ତିଗତ ଭାବେ ଅନୁଗୋଳ ନାଲ୍‌କୋ ସିପିପିରେ ଏଜିଏମ୍ ଭାବେ ନିଯୁକ୍ତି ପାଇ ଅବସର ନେଇସାରିଛି। ଏବେ ଦୁଇଟି ଶିକ୍ଷାନୁଷ୍ଠାନ କରି ତା’ର ଦାୟିତ୍ୱ ନେବା ସହ ସଂସ୍କାର ଭାରତୀ କଟକର କାର୍ଯ୍ୟକାରୀ ସଭାପତି ଅଛି। ଥିଏଟର ଫୋରମ, ସାରେଗାମା, କଳାକାର ନାଟ୍ୟ ସଂସଦର ପ୍ରତିଷ୍ଠାତା ସଭ୍ୟ ମଧ୍ୟ ଅଛି। ଅଭିନୟ କରିବା ଓ ସମାଜସେବା ସହିତ ଗ୍ରାମାଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ପ୍ରସାର ପାଇଁ ସର୍ବଦା ପ୍ରୟାସ କରିଥାଏ।’

ତାଙ୍କର ଏହି ସାରସ୍ୱତ ସାଧନା ପାଇଁ ତାଙ୍କୁ ଆଷାଢ଼ ସାହିତ୍ୟ ସଂସଦ ତରଫରୁ ବର୍ଷା ସମ୍ମାନ, ରବି ଶିଶୁ ନାଟକ ସମ୍ମାନ, କୈବଲ୍ୟ ସାହିତ୍ୟ ସମ୍ମାନ, ଗୀତିକବି ସମ୍ମାନ, ଆନନ୍ଦପୁର ସାହିତ୍ୟ ସଂସଦ ତରଫରୁ ଶ୍ରେଷ୍ଠ ଗୀତିକବି ଡ. କାଳୀ ଚରଣ ପଟ୍ଟନାୟକ ସମ୍ମାନ, ସ୍ମୃତି ସଂସଦ କଳା ସୌରଭରୁ ସମ୍ମାନ, ସମାଜସେବା ପାଇଁ ମଧୁଗୌରବ ସମ୍ମାନ, ବସନ୍ତ ବିଶ୍ୱାଳ ସ୍ମୃତି ସମ୍ମାନ ଆଦି ଅନେକ ପୁରସ୍କାର ଓ ସମ୍ମାନ ମିଳିଛି। ପତ୍ନୀ, ଗୋଟିଏ ପୁଅ ଏବଂ ଦୁଇ ଝିଅକୁ ନେଇ ତାଙ୍କ ଛୋଟ ସଂସାର ଖୁସିରେ ଚାଲିଥିବାବେଳେ, ଏବେ ବି ସେ ଥିଏଟର, ଧାରାବାହିକ ଓ ସିନେମାରେ ଅଭିନୟ ଜାରି ରଖିଛନ୍ତି।

–ବନବିହାରୀ











# ଆତ୍ମ ସନ୍ତୋଷ

– ଶ୍ରୁତକୀର୍ତ୍ତି ତ୍ରିପାଠୀ

ସହର ବାହାରେ ଥିବା ଜରାଶ୍ରମକୁ ମାତୃଦିବସ ପାଳନ ଉଦ୍ଦେଶ୍ୟରେ ଗୋଟିଏ ବଡ଼ ପ୍ୟାକେଟ ନେଇ ଆସିଲେ ବ୍ୟକ୍ତିଜଣକ। ବେଶ ପରିପାଟୀ ଏବଂ ଚାଲିଚଳଣରୁ ବେଶ୍ ଭଦ୍ର ଏବଂ ସଦାଚାରୀ ଜଣାପଡୁଥାନ୍ତି ସେ। ଆଶ୍ରମ ପରିଚାଳନାରେ ନିଯୁକ୍ତ କର୍ମଚାରୀଙ୍କ ସହିତ କଥାବାର୍ତ୍ତା କରି ସମସ୍ତ ମହିଳାଙ୍କୁ ମୁଖ୍ୟ ହଲ୍‌କୁ ଆସିବାକୁ ଅନୁରୋଧ କଲେ ସେ। ସମସ୍ତ ବୃଦ୍ଧାଙ୍କ ମନରେ ଉତ୍ସୁକତା ! ବୋଧେ ତାଙ୍କ ପରିବାର ଲୋକ ସେମାନଙ୍କୁ ଦେଖାକରିବାକୁ ଆସିଛନ୍ତି ! ସେମାନେ କେତେ ଝୁରି ହୁଅନ୍ତି ନିଜ ପିଲା ଏବଂ ଆତ୍ମୀୟମାନଙ୍କୁ, ହେଲେ ବାର୍ଦ୍ଧକ୍ୟରେ ଯେ ସେମାନେ ପରିବାର ପାଇଁ ଅଲୋଡ଼ା ଓ ବୋଝ ହେଉଛନ୍ତି ସେକଥା ଭାବି ତାଙ୍କ ମନ ଖୁବ୍ ବ୍ୟଥିତ ହୁଏ। ମନର କେଉଁ ଗହୀରି କୋଣରେ ଆଶା ଥାଏ, କାଳେ କିଏ ଆସି ପୁଣି ଫେରେଇନେବ କି ସେମାନଙ୍କୁ ତାଙ୍କ ନାତିନାତୁଣୀମାନଙ୍କ ପାଖକୁ! ମାତ୍ର ହଲ୍‌ରେ ଏକତ୍ରିତ ହେଲାପରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଦେଖି ସମସ୍ତେ ନିରାଶ ହେଲେ।

ସମସ୍ତଙ୍କ ପାଟିରେ ମିଠା ଗୋଟିଏ ଗୋଟିଏ ଦେଇ ମୁଣ୍ଡିଆ ମାରୁଥାନ୍ତି ସଜ୍ଜନ ଜଣକ। ସମସ୍ତେ ଖୁସିରେ ତାଙ୍କ ମୁଣ୍ଡରେ ହାତ ବୁଲେଇଆଣି ଆଶୀର୍ବାଦ କରୁଥାନ୍ତି। ଆଶିଷ ଓ ଶୁଭକାମନା ଦେଇ ବୃଦ୍ଧାମାନେ ଯେତିକି ଖୁସି ହେଉ ନ ଥାନ୍ତି ସେମାନଙ୍କ ମୁଖମଣ୍ଡଳର ସନ୍ତୋଷ ଦେଖି ବ୍ୟକ୍ତିଜଣକ ମୁହଁ ଆହୁରି ଉଜ୍ଜ୍ୱଳ ହୋଇ ଉଠୁଥାଏ।

ଫେରିଲା ବେଳେ ଆଶ୍ରମର କର୍ମଚାରୀ ପଚାରିଲେ, ‘‘ସାର, ଆପଣଙ୍କର ଏଠି ତ କେହି ନାହାନ୍ତି, ପୁଣି ଆପଣ ଆଜିଭଳି ଦିନରେ ଏଇଠି ?’’

‘‘ମୁଁ ପିଲାଦିନରୁ ମୋ ମାଆକୁ ଦେଖିନି, ହେଲେ ମାଆର ଶୂନ୍ୟସ୍ଥାନକୁ ସବୁବେଳେ ଅନୁଭବ କରିଛି। ମୋ ଜନ୍ମଠାରୁ ନେଇ ଆଜି ପର୍ଯ୍ୟନ୍ତ ପାଇଥିବା ପ୍ରତିଟି ସଫଳତା ପଛରେ ମୋ ମାଆଙ୍କ ଅଦୃଶ୍ୟ ଆଶୀର୍ବାଦକୁ ଅନୁଭବ କରିଛି। ସବୁବେଳେ ମାଆ ସ୍ନେହ ପାଇଁ ଆଶାୟୀ ମୋ ମନ। ମୋ ହେତୁ ହେଲା ଦିନଠାରୁ ଯେଉଁ ଜାଗାରେ ବି ଥାଏ, ଆଜି ଦିନରେ ‘ମାଆ’ ମାନଙ୍କ ସହିତ ମିଶି କିଛି ସମୟ ବିତେଇବା ପାଇଁ ବୃଦ୍ଧାଶ୍ରମକୁ ଚାଲିଆସେ। ଏ ସମସ୍ତଙ୍କ ଭିତରେ ମାଆର ସ୍ୱରୂପ ପାଇ ଖୁବ୍ ସନ୍ତୋଷ ଲାଭ କରେ। ମାଆବାପାଙ୍କୁ ବୋଝ ମଣୁଥିବା ଏ ସମାଜ ସେମାନଙ୍କୁ ଏଇ ଆଶ୍ରମରେ ଆଣି ଛାଡ଼ି ଦେଉଛନ୍ତି ସିନା, ସେମାନେ ଜାଣି ପାରୁନାହାନ୍ତି କେତେ ସ୍ନେହାଶିଷଠାରୁ ନିଜକୁ ବଞ୍ଚିତ ରଖୁଛନ୍ତି। ଏମାନଙ୍କୁ ସ୍ନେହ ଦେବାପରେ ଯେଉଁ ଆତ୍ମସନ୍ତୋଷ ଲାଭ ହୁଏ ତାହା କେଉଁ ଠାକୁର ପୂଜିଲେ କି ତୀର୍ଥ ଭ୍ରମଣ କଲେ ମିଳିବ ନାହିଁ।’’ ଆଶ୍ରମର କର୍ମଚାରୀ ସେଦିନ ଭଦ୍ରବ୍ୟକ୍ତି ଗଲା ପରେ ଅନୁଭବ କଲେ ସେଦିନ ବୃଦ୍ଧାଶ୍ରମର ପ୍ରତି ମାଆ ଅନ୍ୟ ଦିନ ଅପେକ୍ଷା ଅଧିକ ଖୁସି ଜଣାପଡୁଥିଲେ। ଗୋଟିଏ ପୁଅକୁ ଆଶୀର୍ବାଦ କରିବା ପରେ ତାଙ୍କ ମୁଖମଣ୍ଡଳଗୁଡ଼ିକ ପରମ ଆତ୍ମସନ୍ତୋଷରେ ପୁଲକିତ ହୋଇଉଠୁଥିଲା।

–ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮



# ବିଶ୍ୱାସ କର

–ମାନିନୀ ମିଶ୍ର

ଲାଲ କିଲ୍ଲା ଯାଏ , ପଡିଛି ଚାଷୀର ପାଦ
ସଂଗମରେ ଓହ୍ଲେଇ ଥିବା ରୁଦ୍ରାକ୍ଷ ବାଲିର ସୁରମା ଲେପା
ଆଖିକୁ ନେଇ ସାତ ରୁ ସତୁରି ବେହୋସ
ଗୋଟିଏ ଉଦବିଗ୍ନ ବିକଟାଳ ରାତି
ଆର ଜେ କରର ସେମିନାର ହଲରେ କରୁଣ ଉଲ୍ଲାସ
ଲିଭି ଆସୁଥିବା ଶହ ଶହ ମହମବତୀ ସହ ଚାଲୁଛି ମୁଁ
କାମୁକକୁ ଲଜ୍ଜିତ କରିଥିବା
ଗୋଟିଏ ଠିଆ ନଙ୍ଗଳା ଦେହ
ବାରୁଦର ଗଦାକୁ ଅଳନ୍ଧୁ ପରି ଝାଡି
ହାତରେ ମୁଠା ମୁଠା ଲାଭା
ଧରିଛି ମୁଁ
କଳା ମଚ ମଚ ଜିଆ ଚରା ମାଟିରେ ଚାରି ଚଉଠ
ସପନ ପରି ଗଢୁଛି
ଭେଳା ଭେଳା କୁହୁଳାରେ ପୋଡୁନି ମୁଁ
ମୋର ଏକାନ୍ତ ଗୋପନ ପ୍ରେମ ମୁଁ
ମୁଁ ପ୍ରୟାଗର ବୁଡ
ସ୍ୱାଧୀନତାର ଅମୃତ ବିବଶତା
ତ୍ରିରଙ୍ଗାର ବୁନ୍ଦା ବୁନ୍ଦା ମୋହ।

– ଭୁବନେଶ୍ୱର,
ମୋ: ୮୨୪୯୩୪୨୩୪୬

# ସମୟର ସ୍ୱାକ୍ଷର

–ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ପାଣି ପରି ପ୍ରବହମାନ ସେ
ରଂଗ ଧରିପାରେ
ହସର ଅବା କାନ୍ଦର
ଛାତିକୁ ଚିତ୍ରିତ କରେ
କେବେ କଅଁଳା ବାଛୁରୀର ଟାପୁ
ତ କେବେ ରକ୍ତ ପାଦର ଚିତାରେ।
ସେ ଗାଏ ଗଜଲ ବର୍ଷାରୁ ବସନ୍ତ
ସେ ଜଳିଲେ ଆସେ ଗ୍ରୀଷ୍ମ
ଆଉ ଥରିଲେ ଶୀତ
ସେ ଝୁଲୁଥାଏ ଜନ୍ମ ମୃତ୍ୟୁର ବାୟାବସାରେ
କେବେ ଶତ୍ରୁ କେବେ ପୁଣି ମିତ।
ତା’ ଦେହରେ ସିଆର କାଟି
ତିଆରି ହୁଏ ପଥ
ସେ ବି ନିଭାଉଥାଏ ତା’ ଧର୍ମ
କେବେ ଶାନ୍ତିର...
ତ କେବେ ପ୍ରଳୟର... ।

–ଜୟପୁର, କୋରାପୁଟ
ମୋ:୮୨୪୯୪୫୦୦୫୦





ମାଧୁରୀ

# ଦଶ ହଜାରରୁ ଆରମ୍ଭ

ଦିନ ଥିଲା ମାଧୁରୀ ଦୀକ୍ଷିତଙ୍କୁ ନେଇ ବଲିଉଡ୍ ଉଠୁଥିଲା ପଡୁଥିଲା । ଏନ. ଚନ୍ଦ୍ରାଙ୍କ 'ତେଜାବ୍' ତାଙ୍କୁ ରାତାରାତି ନାୟିକା ଦୌଡରେ ସାମିଲ କରିଦେଇଥିଲା । ହେଲେ ଏହାପୂର୍ବରୁ ହିନ୍ଦୀ ସିନେମାରେ ତିଷ୍ଠି ରହିବା ପାଇଁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡି ନ ଥିଲା । ରାଜଶ୍ରୀ ପ୍ରଡକ୍ସନ ପରି ନାମୀ ବ୍ୟାନରରେ ତାଙ୍କୁ ପ୍ରଥମେ ସୁଯୋଗ ମିଳିଥିଲା ଆଉ ଚଳଚ୍ଚିତ୍ରଟି ଥିଲା 'ଅବୋଧ' । ବଙ୍ଗଳା ଫିଲ୍ମ ଜଗତର ସୁପରଷ୍ଟାର ତାପସ ପାଲ ଏଥିରେ ନାୟକ ଭୂମିକାରେ ଅଭିନୟ କରିଥିଲେ । ଏହି ସିନେମା ପାଇଁ ମାଧୁରୀଙ୍କୁ କେତେ ପାରିଶ୍ରମିକ ମିଳିଥିଲା ଜାଣନ୍ତି ? ମାତ୍ର ୧୦,୦୦୦ଟଙ୍କା । ଏ ବିଷୟରେ ସେ କହନ୍ତି, 'ରାଜଶ୍ରୀ ପ୍ରଡକ୍ସନ ବ୍ୟାନରରେ ଯେତେବେଳେ ମୋତେ ଅଫର ମିଳିଲା ସେତେବେଳେ ମୋ ଖୁସିର ସୀମା ନ ଥିଲା । ପାରିଶ୍ରମିକ ବାବଦରେ ସେତେବେଳେ ମୋତେ ମାତ୍ର ୧୦,୦୦୦ ଟଙ୍କା ମିଳିଥିଲା । ଯେତେବେଳେ ଏହି ଚେକ୍‌କୁ ମୁଁ ହାତରେ ଧରିଲି ସେତେବେଳେ ଖୁସିରେ ମୋ ଦୁଇ ଗୋଡ ତଳେ ଲାଗି ନ ଥିଲା । ସତ କଥା କହିବାକୁ ଗଲେ ଏହି ପାରିଶ୍ରମିକ ହିଁ ମୋତେ ଆଗକୁ ଆଗେଇବା ପାଇଁ ପ୍ରେରଣା ଯୋଗାଇଥିଲା ।'' ୧୯୮୪ରେ ରିଲିଜ ହୋଇଥିବା ଏହି ଫିଲ୍ମଟି କିନ୍ତୁ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା ।

# ଆଶୀକ ଦିୱାନା

'ଆଶୀକ ଦିୱାନା' ଏଭଳି ଶୀର୍ଷକରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ, ଏହାର କାହାଣୀ ମୁଖ୍ୟତଃ ପ୍ରେମ ଉପରେ ଆଧାରିତ । କେବଳ ସେତିକି ନୁହେଁ ଏଥିରେ ଫ୍ୟାମିଲି ଡ୍ରାମା, କମେଡି ଏବଂ ଆକ୍ସନ ଭରି ରହିଛି । ହଁ, ଏଭଳି ଏକ ଟାଇଟଲକୁ ନେଇ ନିର୍ମିତ ହେବାକୁ ଯାଉଛି ଏକ ଓଡ଼ିଆ ସିନେମା । ମହାଦେବ ଫିଲ୍ମସ ବ୍ୟାନରରେ ଏହି ଚିତ୍ରଟିକୁ ପ୍ରଯୋଜନା କରୁଛନ୍ତି ଓଲିଉଡ୍‌ର ଅନ୍ୟତମ ବରିଷ୍ଠ ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ । ଏହାର ସହ-ପ୍ରଯୋଜକ ଅଛନ୍ତି ସଞ୍ଜୀବ ବିଶ୍ୱାଳ । ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ । ଏ ସମ୍ପର୍କରେ ରଜନୀ କହନ୍ତି, ''ଏହି ଫିଲ୍ମର କାହାଣୀରୁ ଦର୍ଶକ ଏକ ଡିଫରେଣ୍ଟ ଚାର୍ମ ପାଇବେ । ସେହି ଅନୁସାରେ ସଂଳାପ ମଧ୍ୟ ରଚନା କରାଯାଇଛି । ସବୁବର୍ଗର ଦର୍ଶକ ଏହାକୁ ମନଭରି ଉପଭୋଗ କରିବେ ।'' ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଏନ. ପଦ୍ମା । ଏହି ଫିଲ୍ମର ନାୟକ ସାଜୁଛନ୍ତି ଦୀପକ । ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ସେୟାର କରିବେ ରିୟା । ଫିଲ୍ମଟିର କ୍ରିଏଟିଭ ହେଡ୍ ଅଛନ୍ତି ଅମର ମହାପାତ୍ର ।



ଦୀପକ

# ଦିଶାଙ୍କ ହଲିଉଡ ଏଣ୍ଟ୍ରି

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା । ଦେଖୁନାହାନ୍ତି, ଯେ ଯାହା ଆଶା କରୁଥିଲେ ତାହା କେମିତି ପୂରଣ ହେଲା । ବଲିଉଡ୍‌ରେ ତ ସେ ନିଜ ଆକ୍ଟିଂ କ୍ୟାରିୟର ଜାରି ରଖିଛନ୍ତି । ଏବେ ତାଙ୍କୁ ଆଉ ଏକ ସୁବର୍ଣ୍ଣ ସୁଯୋଗ ମିଳିଛି । ଏହି ସୁଯୋଗ କାହାକୁ ମିଳିଛି ଜାଣନ୍ତି ? ସେ ହେଉଛନ୍ତି ଦିଶା ପଟାନି । କଥା କ'ଣ କି ଦିଶା ଏବେ ହଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି । ନିକଟରେ ସେ ଏକ ହଲିଉଡ୍ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଚୁକ୍ତିବଦ୍ଧା ହୋଇଛନ୍ତି । ଫିଲ୍ମର ଶୁଟିଂ ହେଉଛି ଡୁରାଙ୍ଗୋ, ମେକ୍ସିକୋରେ । ଏହି ସିରିଜରେ ଟାଇରିସ୍ ଗିବସନ ଏବଂ ହ୍ୟାରି ଗୁଡୱିନ୍ ମଧ୍ୟ ଅଭିନୟ କରିବେ । ଏ ବିଷୟରେ ଦିଶା କହନ୍ତି, ''ଯେତେବେଳେ ମୋତେ ଏହି ଅଫରଟି ମିଳିଲା ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନ ଥିଲି । ଏହି ସୁଯୋଗକୁ କୌଣସି ପ୍ରକାରେ ହାତଛଡା କରିବାକୁ ବି ଚାହିଁ ନ ଥିଲି । ସସପେନ୍ସ ଥ୍ରୀଲର କାହାଣୀକୁ ଆଧାର କରି ଏହି ୱେବ୍ ସିରିଜ୍‌ର ନିର୍ମାଣ କରାଯିବ ।'' ତେବେ ଏହି ୱେବ୍ ସିରିଜ୍ ଦିଶାଙ୍କ ହଲିଉଡ୍ କ୍ୟାରିୟରକୁ କେତେକ ଆଗକୁ ନେବାରେ ସହାୟକ ହେଉଛି ତାହା ଦେଖିବାକୁ ବାକି ରହିଲା ।



ଦିଶା



କାଜଲ

# ଦିନ ଗଣୁଛନ୍ତି କିଆରା

କିଆରା ଆଡୱାନୀ ଏବେଠାରୁ ଦିନ ଗଣିବା ଆରମ୍ଭ କଲେଣି । କାରଣ ସେ ଅଭିନୟ କରିଥିବା 'ୱାର୍ ୨' ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି । ତେଣୁ ସେ ବେଶ୍ ଉତ୍ସୁକତାର ସହ ଏହି ଶୁଭ ଦିନକୁ ଅପେକ୍ଷା କରିଛନ୍ତି । ଅନ୍ୟପକ୍ଷରେ ଏହି ବିଗ୍ ବଜେଟ୍ ଫିଲ୍ମର ସଫଳତାକୁ ନେଇ ଏବେଠାରୁ ସିନେ ସମୀକ୍ଷକମାନେ ପୂର୍ବାନୁମାନ କରିସାରିଲେଣି । ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମର ଷ୍ଟାରକାଷ୍ଟରେ ହ୍ରିତିକ ରୋଶନ ଏବଂ ଜୁନିୟର ଏନଟିଆର ମଧ୍ୟ ଅଛନ୍ତି । ଉକ୍ତ ସିନେମା ବିଷୟରେ କିଆରା କହନ୍ତି, ''ଯେତେବେଳେ ଏହାର ଶୁଟିଂ ହେଉଥିଲା ସେତେବେଳେ ମୁଁ ଆକ୍ଟିଂ ବିଷୟରେ ଅନେକ କଥା ଶିଖିପାରିଛି । ବିଶେଷ ଭାବରେ ଜୁନିୟର ଏନଟିଆରଙ୍କ ଆକ୍ଟିଂ ଟିପ୍ସ ମୋ ପାଇଁ ସବୁବେଳେ ସ୍ମରଣୀୟ ହୋଇ ରହିବ । ତାଙ୍କ ଭଳି ଅଭିନେତାଙ୍କ ସହ କାମ କରିବାର ମଜା ହିଁ ନିଆରା । କେବଳ ସେତିକି ନୁହେଁ, ହ୍ରିତିକ ମଧ୍ୟ ବେଶ୍ କୋ-ଅପରେଟିଭ । ଏହି ଫିଲ୍ମର ପିକ୍ଚରାଇଜେଶନ ଯେଉଁଭଳି କରାଯାଇଛି ତାହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି ।'' 'ୱାର ୨'ର ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା । ଯଶରାଜ ଫିଲ୍ମସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଆର୍ୟନ ମୁଖାର୍ଜୀ ।



କିଆରା

# ଶାହରୁଖ ହିଁ ବେଷ୍ଟ

ବଲିଉଡ୍‌ର ଅନ୍ୟତମ ପରିଚିତ ନିର୍ଦ୍ଦେଶକ ମଧୁର ଭଣ୍ଡାରକର ବିଶେଷଭାବରେ ନାରୀକୈନ୍ଦ୍ରିକ ସିନେମା ନିର୍ମାଣ କରିଥାଆନ୍ତି । ସେଗୁଡିକ ମଧ୍ୟରେ 'ଫ୍ୟାଶନ', 'ପେଜ୍ ୩', 'ହିରୋଇନ୍' ଅନ୍ୟତମ । ହେଲେ ଏଥର ସେ ଏକ ଭିନ୍ନଧରଣର ପୁରୁଷ ଉପରେ ଆଧାରିତ ଚଳଚ୍ଚିତ୍ରଟିଏ ପ୍ରସ୍ତୁତ କରିବାକୁ ଯାଉଛନ୍ତି । ସେ ଏହାର ଟାଇଟଲ ମଧ୍ୟ ଫାଇନାଲ କରିସାରିଲେଣି । ଚିତ୍ରଟିର ଶୀର୍ଷକ ରହିଛି 'ଇନ୍ସପେକ୍ଟର ଘାଲିବ' । ଏହି ଭୂମିକାରେ କିଏ ଅଭିନୟ କରିବେ ସେ ନେଇ ସେ ଟେନସନରେ ଥିଲେ । ନିକଟରେ ସେ ଏଭଳି ଜଣେ ଅଭିନେତାଙ୍କୁ ଚଏସ୍ କରିଛନ୍ତି ଯିଏ କି ଏହି ରୋଲ୍ ପାଇଁ ପୁରା ଫିଟ୍ । ସେ ହେଲେ ଶାହରୁଖ ଖାନ୍ । ଆଉ ଏକ ଖାସ୍ କଥା ହେଲା ଯେ ୨୦୧୮ରେ ଏହି ଚଳଚ୍ଚିତ୍ରର କାହାଣୀ ମଧୁରଙ୍କ ମନକୁ ଆସିଥିଲା । କିନ୍ତୁ ତାହାକୁ ଚଳଚ୍ଚିତ୍ରରେ ରୂପାନ୍ତରିତ କରିପାରି ନ ଥିଲେ । ଏବେ ଯାଇ ଏହାକୁ ଚଳଚ୍ଚିତ୍ରର ରୂପ ଦେବାକୁ ଯାଉଛନ୍ତି । ଏ ବିଷୟରେ ମଧୁର କହନ୍ତି, ''ପ୍ରାୟ ୧୫ ଦିନ ଭିତରେ ମୋର ଏହି ଫିଲ୍ମର ସମସ୍ତ ଷ୍ଟାରକାଷ୍ଟ ଫାଇନାଲ ହୋଇଯିବ । ଏଥିରେ ଶାହରୁଖ ଅଭିନୟ କରିବେ କି ନାହିଁ ଏଯାଏ ସ୍ପଷ୍ଟ ହୋଇ ନାହିଁ । ଟିକେ ଅପେକ୍ଷା କରନ୍ତୁ ଖୁବ୍ ଶୀଘ୍ର ଜଣାପଡ଼ିଯିବ ସେ ଏହାର ନାୟକ ହେବେ କି ନାହିଁ ।''



ଶାହରୁଖ

# ଐଶ୍ୱର୍ଯ୍ୟାଙ୍କ ପ୍ରଶଂସାରେ କାଜଲ

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି କାଜଲ ଅଗ୍ରୱାଲ । ୨୦୦୪ରେ ସେ ହିନ୍ଦୀ ସିନେମା ଜଗତରେ ପାଦ ରଖିଥିଲେ । ତାଙ୍କ ଅଭିନୀତ ପ୍ରଥମ ବଲିଉଡ୍ ଫିଲ୍ମ ଥିଲା 'କ୍ୟୁଁ..! ହୋ ଗୟା ନା' । ଏଥିରେ ମୁଖ୍ୟ ଭୂମିକାରେ ବିବେକ ଓବେରୟ ଏବଂ ଐଶ୍ୱର୍ଯ୍ୟା ରାୟ ଅଭିନୟ କରିଥିଲେ । ଏହି ଫିଲ୍ମରେ ଐଶ୍ୱର୍ଯ୍ୟାଙ୍କ ସାଙ୍ଗ ଭୂମିକାରେ ଦେଖାଦେଇଥିଲେ କାଜଲ । ଏବେ ମଧ୍ୟ ସେ ଯୁଆଡେ ଗଲେ ଐଶ୍ୱର୍ଯ୍ୟାଙ୍କୁ ପ୍ରଶଂସା କରିବାକୁ ଭୁଲି ନ ଥାନ୍ତି । ଏ ସମ୍ପର୍କରେ କାଜଲ କହନ୍ତି, ''ମୋ ପ୍ରଥମ ହିନ୍ଦୀ ସିନେମାରେ ଐଶ୍ୱର୍ଯ୍ୟା ଫିମେଲ ଲିଡ୍‌ରେ ଅଭିନୟ କରିଥିଲେ । ସେତେବେଳେ ତାଙ୍କର ସାଙ୍ଗ ଚରିତ୍ରରେ ମୁଁ ଆକ୍ଟିଂ କରିଥିଲି । ସେହି ସମୟରେ ତାଙ୍କ ସହ କଟାଇଥିବା ସମୟକୁ ମୁଁ କଦାପି ଭୁଲି ପାରିବି ନାହିଁ । ତାଙ୍କର କେଇପଦ କଥା ମୋତେ ବେଶ୍ ପ୍ରଭାବିତ କରିଥିଲା ।'' ସବୁଠାରୁ ଖାସ୍ କଥା ହେଲା ବଲିଉଡ୍ ପରେ କାଜଲ ତେଲୁଗୁ ଫିଲ୍ମରେ ଅଭିନୟ କରିଥିଲେ । ତାଙ୍କ ଅଭିନୀତ ପ୍ରଥମ ତେଲୁଗୁ ଫିଲ୍ମ ଥିଲା 'ଲକ୍ଷ୍ମୀ କଲ୍ୟାନମ୍' (୨୦୦୭) ।

ପ୍ରଥମ ରୋଜଗାର

# ଭାଇଭଉଣୀ ମିଶି ଦୋସା ଖାଇଥିଲୁ

ପିଲାବେଳେ ଟିକେ ଭଲ ପଢୁଥିଲି ବୋଲି ସମସ୍ତେ ଭାବିଥିଲେ ମୁଁ ନିହାତି ଡାକ୍ତରଟିଏ ହେବି। ସେଥିପାଇଁ +୨ ବିଜ୍ଞାନ ପଢ଼ିଥିଲି। କିନ୍ତୁ ସାହିତ୍ୟ ପ୍ରତି ରୁଚି ଆସିବାରୁ +୩ରେ ନିଜେ ନିଜେ ଓଡ଼ିଆ ଅନର୍ସ ନେଇ ପଢ଼ିଲି। ଜୟପୁରର ବିକ୍ରମଦେବ କଲେଜରେ ପଢୁଥାଏ। ଅନର୍ସ ପିଲା ବୋଲି ସପ୍ତାହକୁ ତିନିଖଣ୍ଡ ବହି ଇସ୍ୟୁକରି ନେଇଯାଏ। ଆଉ କି ପାଠ, ଖାଲି ଗପ, ଉପନ୍ୟାସ ପଢ଼ାରେ ମୋର ରାତି ପାହୁଥାଏ। ବାପା ବି ବହି ପଢ଼ିବାକୁ ଭଲ ପାଆନ୍ତି। ବେଳେବେଳେ ସେ ତାଙ୍କ ବନ୍ଧୁମାନଙ୍କଠାରୁ ହିନ୍ଦୀ ଉପନ୍ୟାସ ଆଣନ୍ତି; ଯାହାକୁ ମୁଁ ଲୁଚେଇ ପଢ଼ିଦିଏ। କ୍ରମେ ମୁଁ କେମିତି ଲେଖନ୍ତି ସେ ଚିନ୍ତା ମୁଣ୍ଡରେ ପଶିଲା। କବିତା ଲେଖାରୁ ମୋର ସୃଜନାତ୍ମକ ଯାତ୍ରା ଆରମ୍ଭ ହେଲା। ଯେଉଁ କବିତା ଲେଖେ ପ୍ରଥମେ ସାଙ୍ଗମାନଙ୍କୁ ଶୁଣାଇ ବାହାବା ସାଉଣ୍ଟେ। ଥରେ ଶ୍ରୀକୃଷ୍ଣଙ୍କୁ ନେଇ କବିତାଟିଏ ଲେଖିଥିଲି; ଯାହାର ଶୀର୍ଷକ ଥିଲା 'କୁହ କାହ୍ନୁ'। ସମସ୍ତେ ଖୁବ୍ ଭଲ ହୋଇଛି ବୋଲି କହିଲେ। ସେ ସମୟରେ ରେଡିଓରେ ଗୀତ, ନାଟକ ତଥା 'ଯୁବବାଣୀ'ରେ ହେଉଥିବା କବିତା ଆବୃତ୍ତିକୁ ଶୁଣିବାର ଅଭ୍ୟାସ ଥିଲା। ଥରେ ଗୋଟିଏ କବିତା ଲେଖି ଡାକଯୋଗେ ଜୟପୁର ଆକାଶବାଣୀ କେନ୍ଦ୍ରକୁ ପଠାଇଦେଲି। ଆଶା କରି ରହିଲି। କିଛିଦିନ ପରେ ଆକାଶବାଣୀ ତରଫରୁ ଚିଠିଟିଏ ପାଇଲି, ଯେଉଁଥିରେ ଲେଖାଥିଲା- "ଆପଣଙ୍କ କବିତାଟି ଯୁବବାଣୀ କାର୍ଯ୍ୟକ୍ରମ ପାଇଁ ଯୋଗ୍ୟ ବିବେଚିତ ହୋଇଛି ଆଉ କବିତା ଆବୃତ୍ତି ପାଇଁ ନିର୍ଦ୍ଧାରିତ ତାରିଖରେ ଆସି ଆକାଶବାଣୀ କେନ୍ଦ୍ରରେ ଉପସ୍ଥିତ ହୁଅନ୍ତୁ।" ଚିଠିଟି ପଢ଼ି ମନ ମୋର କୁଣ୍ଢେମୋଟ ହୋଇଗଲା। ପଡ଼ିଶାଘର ଝିଅ ବୁଢ଼ୀନାନୀଙ୍କୁ ସାଥିରେ ନେଇ ନିର୍ଦ୍ଧାରିତ ଦିନ ପହଞ୍ଚିଗଲି ଜୟପୁର ଆକାଶବାଣୀ କେନ୍ଦ୍ରରେ। ଏମିତିରେ ସିନା ବକବକ ହୁଏ ସବୁଠି, କିନ୍ତୁ ସେଦିନ ସେଠି ଭାରି ନର୍ଭସ ଲାଗୁଥିଲା। ହେଲେ ସେଠାରେ ଥିବା ଉଦୟ ଶଙ୍କର ଜାନି ସାର୍ ଏବଂ ପ୍ରସେନଜିତ ମହାନ୍ତି ସାର୍‌ଙ୍କ ଆଶ୍ୱାସନା ଯୋଗୁ ମୋର ଡର ଟିକେ କମିଥିଲା। ଗୋଟେ +୩ ପଢୁଥିବା ଝିଅର ମୁଣ୍ଡରେ ବା କେତେ ବୁଦ୍ଧି। ଚାରିପଟ କାନ୍ଥରେ କଣା କଣା ଥିବା ଈଷତ୍ ହଳଦିଆ ରଙ୍ଗର ନିବୁଜ କୋଠରି ଭିତରେ ମୁଁ ଏକୁଟିଆ ମାଇକ୍ ଆଗରେ ଛିଡ଼ା ହୋଇ ଡରି ଡରି କବିତା ଆବୃତ୍ତି କଲି। ଥରକରେ ଓକେ ହୋଇଗଲା। ଦୁଇ ସାର୍ କହିଲେ, 'ବହୁତ ଭଲ ଆବୃତ୍ତି କଲ। ଟିକେ ଅପେକ୍ଷା କର, ପେମେଣ୍ଟ ନେଇକି ଯିବ, ପୋଷ୍ଟରେ ପଠେଇଲେ ଡେରିହେବ।' ପେମେଣ୍ଟ ମାନେ ପଇସା ମିଳିବ ଭାବି ମନେ ମନେ ଭାରି ଖୁସି ହୋଇଯାଇଥିଲି। ହେଲେ ଯେତେବେଳେ ସାର୍ ୫୦ ଟଙ୍କାର ଚେକ୍‌ଟିଏ ଦେଇ କହିଲେ, 'ବାପାଙ୍କୁ ନେଇ ଏଇଟା ଦେଇଦେବ, ସେ ଆକାଉଣ୍ଟରେ ଡିପୋଜିଟ୍ କଲେ ପଇସା ଆସିଯିବ।' ମୋ ମନ ମଉଳିଗଲା। ଚେକ୍‌କୁ ବ୍ୟାଙ୍କରେ ଡିପୋଜିଟ୍ କଲେ ସିନା ପଇସା ଆସିବ, ହେଲେ ବାପାଙ୍କର ତ ଆକାଉଣ୍ଟ ହିଁ ନ ଥିଲା। ଆଜିକାଲି ଭଳିଆ ସେତେବେଳେ ଦରମା ବ୍ୟାଙ୍କ୍ ଆକାଉଣ୍ଟକୁ ଆସୁ ନ ଥିଲା। ନଗଦ ଟଙ୍କା ମିଳୁଥିଲା। ତା' ମାନେ ନୁହେଁ ଯେ ସେବେ କାହାର ବି ବ୍ୟାଙ୍କ ଆକାଉଣ୍ଟ ନ ଥିଲା। ପ୍ରାୟ ସମସ୍ତଙ୍କର ଥିଲା କହିଲେ ଚଳେ। ହେଲେ ମୋ ବାପାଙ୍କର କିନ୍ତୁ ସଞ୍ଚୟ କରିବାର ପ୍ରବୃତ୍ତି ଆଦୌ ନ ଥିଲା। ମାସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାପାଙ୍କ ଦରମା ତାଙ୍କ ପକେଟରେ ହିଁ ରହୁଥିଲା। ତେଣୁ ବାପାଙ୍କ ଶାର୍ଟ ପକେଟ ହିଁ ଆମର ବ୍ୟାଙ୍କ ଥିଲା। ସେଇଥିରୁ ସବୁ କାରବାର। ଏବେ ମୋର ଭାବେଣି ପଡ଼ିଲା, ଚେକ୍‌ରୁ କେମିତି ପଇସା ଆସିବ। ପଡ଼ିଶାଘରର ପଟ୍ଟନାୟକ ମଉସା ଦେଲେ ଭରସା। ସେ ଚେକ୍‌ଟା ନେଇ ତାଙ୍କ ଆକାଉଣ୍ଟରେ ଡିପୋଜିଟ୍ କରିଦେବେ କହି ମୋତେ ୫୦ ଟଙ୍କା ଦେଇଦେଲେ। ମୁଁ ବି ତାଙ୍କୁ ଚେକ୍ ଦେଇଦେଲି। ସେତେବେଳେ ୫୦ ଟଙ୍କା ବି ବହୁତ ଥିଲା। ସେ ପଇସାରେ ମୁଁ ଓ ମୋର ସାନଭାଇ ୩ଜଣ ଏବଂ ପଡ଼ିଶାଘରର ୪ଭାଇଭଉଣୀ ମିଶି ଦୋସା ଆଣି ଖାଇଥିଲୁ। ଖୁବ୍ ସୁନ୍ଦର ଥିଲା ସେ ଦିନସବୁ। ତା'ପରେ ବି ଆଉ କେତେଥର କବିତା ଆବୃତ୍ତି କରି ଟଙ୍କା ପାଇଥିଲି, କିନ୍ତୁ ସେଥିରେ ପ୍ରାୟ ଓଡ଼ିଆ ପତ୍ରପତ୍ରିକା କିଣୁଥିଲି। ପରେ ଯେତେବେଳେ ବ୍ରହ୍ମପୁରରେ ପଢ଼ିଲି ସେଠି ନୂଆକରି ଖୋଲିଥିବା ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରରେ ବି ଗୋଟେ ଗଳ୍ପ ରେକର୍ଡ କରି ୩୫୦ ଟଙ୍କା ପାଇଥିଲି। ସେ ଗଳ୍ପଟି ପରେ 'ସୁଚରିତା'ରେ ପ୍ରକାଶ ପାଇଥିଲା। ତା'ପରେ କିଛିଦିନ ନିରାକାରପୁର କଲେଜରେ ଅସ୍ଥାୟୀ ଅଧ୍ୟାପିକା ଥିଲି। ପାରିଶ୍ରମିକ ଅତ୍ୟନ୍ତ ନଗଣ୍ୟ ଥିଲା। ବର୍ତ୍ତମାନ ସମୟ ମିଳିବାରୁ ପୁଣି ଗଳ୍ପ ଲେଖିବାକୁ ଚେଷ୍ଟା କରୁଛି। କିଛି ଗଳ୍ପ ପ୍ରକାଶିତ ବି ହୋଇଛି।



ଗାଳ୍ପିକା କଳ୍ପନା ପରିଡ଼ା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ସାଥୀ

# ଲାଜକୁଳୀ ସିଏ ସପନ ରାଣୀ, ହସରୁ ଆରମ୍ଭ ପ୍ରେମ କାହାଣୀ



**ପ୍ରଶ୍ନ**–ଜଣେ ସୁନ୍ଦରୀ ସବୁବେଳେ ମୋ ସ୍ୱପ୍ନରେ ଆସୁଛି। ତାହାର ଲାଜୁଆ ହସରେ ମୁଁ ପାଗଳ ହୋଇଗଲିଣି। ମୋତେ ଲାଗୁଛି ମୋ ପଟରୁ ମୁଁ ତାକୁ ଭଲ ପାଇ ବସିଛି। ଆମର ଏହି ପ୍ରେମ କାହାଣୀ ସଫଳ ହେବ ତ ?

*–ଅମିତ କୁମାର ରାଉତ, ଓଡଗାଁ, ନୟାଗଡ*

**ଉତ୍ତର:** ଅମିତ ବାବୁ, ଆପଣ ଏବେ ସପନ ରାଇଜରେ ଭାସି ବୁଲୁଛନ୍ତି। ହୁଏତ ଏହି ସପନ ଆପଣଙ୍କୁ ବେଶ୍ ରଙ୍ଗୀନ ଲାଗୁଛି ଆଉ ଏହା ଭିତରେ ସେହି ସ୍ୱପ୍ନ ସୁନ୍ଦରୀକୁ ଆଣି ମନରେ ବସାଇ ସାରିଲେଣି। ତା' ହସରୁ ବୋଧହୁଏ ଆପଣଙ୍କର ପ୍ରେମ କାହାଣୀର ସୁତ୍ରପାତ ହୋଇସାରିଛି। 'ଲାଜକୁଳୀ ସିଏ ସପନ ରାଣୀ, ହସରୁ ଆରମ୍ଭ ପ୍ରେମ କାହାଣୀ।' ଏବେ ବାସ୍ତବ ଦୁନିଆକୁ ଆସି ସେହିଭଳି ପ୍ରେମିକାଟିଏ ଖୋଜନ୍ତୁ ନା ! ସ୍ୱପ୍ନ ସବୁବେଳେ ସ୍ୱପ୍ନ। ତାକୁ ବାସ୍ତବତା ଭାବିବା ଠିକ୍ ନୁହେଁ।

**ପ୍ରଶ୍ନ**–ଯାହା ସହ ମୋ ମନ ପ୍ରଥମ ଥର ମିଶିଥିଲା, କେତେକ କାରଣରୁ ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା। ଏବେ ମୁଁ ଆଉ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। କ'ଣ କରିବି ?

*–ପ୍ରଦୀପ କୁମାର, ଅନୁଗୋଳ*

**ଉତ୍ତର:** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ସେହି ପ୍ରେମର ହଠାତ୍ ଦି ଏଣ୍ଡ୍ ହୋଇଗଲା। ଏବେ ଆଉ ଜଣେ ନୂଆ ପ୍ରେମିକାକୁ ସାଥୀ କରିସାରିଲେଣି। ହେଲେ ପ୍ରଥମ ପ୍ରେମିକାକୁ ଭୁଲି ପାରୁ ନାହାନ୍ତି। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ତେଣୁ ଏବେ ଯାହାକୁ ପ୍ରେମ କରୁଛନ୍ତି ଯଦି ତାହା ସହ ଆଗେଇବାକୁ ଚାହାନ୍ତି ତା'ହେଲେ ପ୍ରଥମ ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ତାହାର ଦଂଶନରେ ଆପଣ ସବୁବେଳେ ସନ୍ତୁଳିତ ହେଉଥିବେ।

**ପ୍ରଶ୍ନ**–ମୋ ମନ କଥା ଜଣେ ସୁନ୍ଦରୀକୁ କେମିତି କହିବି ଜାଣିପାରୁନାହିଁ। ମୁଁ ତାକୁ ସିନା କିଛି କହୁନି, ହେଲେ ସେ ମୋତେ ଦେଖିଲା ମାତ୍ରେ ହସି ଦେଉଛି। କ'ଣ କରିବି ?


*–ପ୍ରଦ୍ୟୁମ୍ନ ମହାନ୍ତି, କେନ୍ଦୁଝର*

**ଉତ୍ତର:** ଏପରି ଚାନ୍ସ ପାଇବା ପରେ ଆପଣ କେମିତି କିଛି କରିପାରୁନାହାନ୍ତି ? ଏପଟେ ଏମିତି ଆପଣ ଭାବୁଥିବେ, ସେପଟେ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧି ସାରିବଣି। ତେଣୁ ବେଳକାଳ ଦେଖି ମନର କଥା ସେହି ସୁନ୍ଦରୀ ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କର ପ୍ରେମ ମିଶନ ସକସେସ ହେବାର ଚାନ୍ସ ଅଧିକ ରହିଛି।

**ପ୍ରଶ୍ନ**–ଥରେ ବାଟରେ ଜଣେ ସୁନ୍ଦରୀ ସହ ଭେଟ ହେଲା। କିଛି ସମୟ କଥାବାର୍ତ୍ତାରେ ମୋତେ ଲାଗିଲା ମୁଁ ଯେମିତି ତା' ମନର ଗୋଟିଏ କୋଣରେ ଘରଟିଏ କରିସାରିଲିଣି। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। କ'ଣ କରିବି ?

*–ତନ୍ମୟ କୁମାର, ଖୋର୍ଦ୍ଧା*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ଆପଣ ତା' ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ସେହି ଅଜଣା ପ୍ରେମିକାକୁ ଠାବ କରିବା ତ ଏବେ ସହଜ ନୁହେଁ, ତେଣୁ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ ଆଉ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !





# ଟ୍ରାଇ କଲର୍ ଇୟର ରିଂ





**ସାଧାରଣତନ୍ତ୍ର ଦିବସ ଭଳି ବିଶେଷ ଅବସରରେ ଟିକେ ଡିଫରେଣ୍ଟ ଦେଖାଯିବା ପାଇଁ ଝିଅମାନେ ଟ୍ରାଇ କଲର୍ ଫ୍ୟାଶନକୁ ଆପଣେଇଥାନ୍ତି। କିଏ ଟ୍ରାଇ କଲର୍ ଆଉଟ୍‌ଫିଟ୍ ଟ୍ରାଏ କରନ୍ତି ତ ଆଉ କିଏ ଟ୍ରାଇ କଲର୍ ଥିମ୍‌ର ବିଭିନ୍ନ ଫ୍ୟାଶନ ଆସେସରିଜକୁ ବ୍ୟବହାର କରିଥାନ୍ତି। ସେହି ଭିତରୁ ଗୋଟିଏ ହେଉଛି ଟ୍ରାଇ କଲର୍ ଇୟର ରିଂ। ଜାଣନ୍ତୁ ସେମିତି କିଛି ଟ୍ରେଣ୍ଡି ଟ୍ରାଇ କଲର୍ ଇୟର ରିଂ ସମ୍ପର୍କରେ...**

**✲ ଟ୍ରାଇ କଲର୍ ପମ୍ ପମ୍ ଇୟର ରିଂ:** ଝିଅମାନଙ୍କୁ ଆକର୍ଷଣୀୟ ଲୁକ୍ ଦେବାରେ ପମ୍ ପମ୍ ଇୟର ରିଂର ଯଥେଷ୍ଟ ଭୂମିକା ରହିଛି। ଏହା ବିଭିନ୍ନ କଲର୍‌ରେ ଉପଲବ୍ଧ ହେଉଥିଲେ ହେଁ, ଖାସ୍‌କରି ସାଧାରଣତନ୍ତ୍ର ଦିବସ ଅବସରରେ ଏହାର ଟ୍ରାଇ କଲର୍ ଇୟର ରିଂକୁ ଟ୍ରାଏ କଲେ ଡିଫରେଣ୍ଟ ଲୁକ୍ ମିଳିଥାଏ। ହ୍ୱାଇଟ୍ କଲର୍ ହେଉ ଅଥବା ଟ୍ରାଇ କଲର୍ ଥିମ୍‌ବାଲା ଶାଢି କିମ୍ବା ସାଲଓ୍ୱାର୍ ସୁଟ୍ ସାଙ୍ଗକୁ ଏହି ଟାଇପ୍‌ର ଇୟର୍ ରିଂ ଖୁବ୍ ସୁନ୍ଦର ଦେଖାଯାଇଥାଏ।

**✲ ଟ୍ରାଇ କଲର୍ ଟାସେଲ୍ ଇୟର ରିଂ:** ପମ୍ ପମ୍ ଇୟର ରିଂ ପରି ଟ୍ରାଇ କଲର୍ ଟାସେଲ୍ ଇୟର ରିଂ ବି ସାଧାରଣତନ୍ତ୍ର ଦିବସ ଅବସରରେ ଝିଅମାନଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହି ଇୟର ରିଂକୁ ବି ଟ୍ରାଡିସ୍‌ନାଲ୍ ଆଉଟ୍‌ଫିଟ୍ ସାଙ୍ଗେ ଟ୍ରାଏ କଲେ ଭଲ ରେଜଲ୍ଟ ମିଳେ।

**✲ ଟ୍ରାଇ କଲର୍ ଝୁମ୍‌କା:** ଝୁମ୍‌କା ଇୟର ରିଂର ଡିମାଣ୍ଡ ସବୁବେଳେ ରହିଥାଏ। ଶାଢି, ସାଲଓ୍ୱାର୍ ସୁଟ୍ ହେଉ କି ଲେହେଙ୍ଗା ଅଥବା ପ୍ଲାଜୋ ସୁଟ୍ ସାଙ୍ଗେ ଏହି ଟାଇପ୍‌ର ଇୟର ରିଂ ଖୁବ୍ ସୁନ୍ଦର ଲାଗିଥାଏ। ସାଧାରଣତନ୍ତ୍ର ଦିବସ ଅବସରରେ ଝିଅମାନେ ଚାହିଁଲେ ଟ୍ରାଇ କଲର୍ ଝୁମ୍‌କାକୁ ନିଜ ଫ୍ୟାଶନରେ ସାମିଲ କରି ଟିକେ ଭିନ୍ନ ଲୁକ୍ ପାଇପାରିବେ।


**✲ ଟ୍ରାଇ କଲର୍ ଷ୍ଟଡ୍ ଇୟର ରିଂ:** ଷ୍ଟଡ୍ ଇୟର୍ ରିଂ ଦେଖିବାକୁ ଯେମିତି ଟ୍ରେଣ୍ଡି ଲାଗେ ପିନ୍ଧିଲେ ବି ସେମିତି ସ୍ମାର୍ଟ ଲୁକ୍ ମିଳେ। ସାଧାରଣତନ୍ତ୍ର ଦିବସ ଅବସରରେ ଟ୍ରାଇ କଲର୍ ଥିମ୍‌ବାଲା ଷ୍ଟଡ୍ ଇୟର ରିଂକୁ ଯଦି ହ୍ୱାଇଟ୍ କଲର୍‌ର ଜିନ୍ସ–ଟପ୍ସ ସହ ଟ୍ରାଏ କରାଯାଏ, ତା’ହେଲେ ବି ସୋବର୍ ଲୁକ୍ ମିଳିଥାଏ।

**✲ ଟ୍ରାଇ କଲର୍ ଲିଫ୍ ଇୟର ରିଂ:** ଏହା ବି ଏକ ଟ୍ରେଣ୍ଡି ଇୟର ରିଂ। ଟିକେ ଭିନ୍ନ ଡିଜାଇନ୍‌ର ଦେଖାଯାଉଥିବା ଏହି ଆର୍ଟିଫିସିଆଲ୍ ଇୟର ରିଂକୁ ବି ନିଜ ଆଉଟ୍‌ଫିଟ୍ ସାଙ୍ଗେ ମ୍ୟାଚିଂ କରି ଆକର୍ଷଣୀୟ ଟ୍ରାଇ କଲର୍ ଲୁକ୍ ପାଇହେବ।

**✲ ଟ୍ରାଇ କଲର୍ ବିଡ୍ସ ଇୟର୍ ରିଂ:** ଛୋଟଛୋଟ କଲର୍‌ଫୁଲ୍ ମାଳିକୁ ନେଇ ବି ଖୁବ୍ ସୁନ୍ଦର ସୁନ୍ଦର ଇୟର ରିଂ ତିଆରି କରାଯାଇଥାଏ। ତନ୍ମଧ୍ୟରୁ ଗୋଟେ ହେଉଛି ଟ୍ରାଇ କଲର୍ ବିଡ୍ସ ଇୟର ରିଂ। ସାଧାରଣତନ୍ତ୍ର ଦିବସ ଅବସରରେ ଶାଢି ହେଉ ଅଥବା ସାଲଓ୍ୱାର୍ ସୁଟ୍ ସହ ଏହି ଟାଇପ୍‌ର ଇୟର ରିଂକୁ ଟ୍ରାଏ କରି ବି ଟ୍ରେଣ୍ଡିଂ ଲୁକ୍ ପାଇହେବ।

**✲ ଟ୍ରାଇ କଲର୍ ହୁପ୍ ଇୟର ରିଂ:** ହୁପ୍ ଇୟର୍ ରିଂ ବି ଝିଅମାନଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ତେବେ ସାଧାରଣତନ୍ତ୍ର ଦିବସକୁ ନଜରରେ ରଖି କିଛି ଲାଟେଷ୍ଟ ଡିଜାଇନ୍‌ର ଟ୍ରାଇ କଲର୍ ହୁପ୍ ଇୟର ରିଂ ବି ମାର୍କେଟ୍‌କୁ ଆସିଥାଏ ; ତନ୍ମଧ୍ୟରୁ କେଉଁଥିରେ ଟ୍ରାଇ କଲର୍ ବିଡ୍ସ ବ୍ୟବହାର କରାଯାଇଥାଏ ତ କେଉଁଥିରେ ଟ୍ରାଇ କଲର୍ ସୂତା ବି ଲାଗିଥାଏ। ଯାହାକୁ ଝିଅମାନେ ଚାହିଁଲେ ଟ୍ରାଇ କଲର୍ ଥିମ୍ ବାଲା ଆଉଟ୍‌ଫିଟ୍ ସାଙ୍ଗେ ପିନ୍ଧିପାରିବେ, ନଚେତ୍ କେବଳ ହ୍ୱାଇଟ୍ କଲର୍ ଆଉଟ୍‌ଫିଟ୍ ସାଙ୍ଗେ ଟ୍ରାଏ କରି ଡିଫରେଣ୍ଟ ଲୁକ୍ ପାଇପାରିବେ।

ଏହାଛଡ଼ା ଭାରତ ମାନଚିତ୍ର ହେଉ ଅବା ଶୁଆ ଥିମ୍ କିମ୍ବା ଫ୍ଲାଓ୍ୱାର୍ ଡିଜାଇନ୍ ଅଥବା କିଛି ଷ୍ଟୋନକୁ ନେଇ ତିଆରି ହୋଇଥିବା ଟିକେ ଭିନ୍ନ ଡିଜାଇନ୍‌ର ଟ୍ରାଇ କଲର୍ ଇୟର ରିଂକୁ ବି ସାଧାରଣତନ୍ତ୍ର ଦିବସ ଅବସରରେ ଟ୍ରାଏ କରି ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ପାଇହେବ।


















ବିଏମ୍ ବୈଶାଳୀ

# ହାଃ ହାଃ

## ଗିଫ୍ଟ

ପିଙ୍କି ସାଙ୍ଗ ରିଙ୍କିକୁ: ମୋ ବୟଫ୍ରେଣ୍ଡର କାଲି ଜନ୍ମଦିନ ।
ରିଙ୍କି: ୱାଓ...
ପିଙ୍କି: ତାକୁ କ'ଣ ଗିଫ୍ଟ ଦେବି ଜାଣି ପାରୁନି।
ରିଙ୍କି: ସେ କ'ଣ ପଇସାବାଲା ?
ପିଙ୍କି: ହଁ।
ରିଙ୍କି: ତା'ହେଲେ ତାକୁ ମୋ ଫୋନ୍ ନମ୍ବର ଦେଇ ଦେ।

## ଶିଖେ

ଜେଜେମା' ନାତୁଣୀକୁ: ରୋଷେଇ କରିବା ଟିକେ ଶିଖି ଯା'। ରୋଷେଇ ଶିଖିବା ନିହାତି ଜରୁରୀ।
ନାତୁଣୀ: ହେଲେ କାହିଁକି ଜେଜେମା' ?
ଜେଜେମା': ମନେକର କୋଉଦିନ ତୋ' ସ୍ୱାମୀ ଘରେ ନ ଥିବ, ସେଦିନ କ'ଣ ତୁ ଭୋକିଲା ପେଟରେ ଶୋଇବୁ ?

## ଗଧ

ସୋନୁ ସ୍କୁଲକୁ ଗୋଟେ ଗଧ ନେଇକି ଆସିଥାଏ। ଏହା ଦେଖି ଶିକ୍ଷକ: ଏଇ ଗଧକୁ କାହିଁକି ଆଣିଛୁ ?
ସୋନୁ: ଆପଣ ତ ଅନେକ ଥର କହିଛନ୍ତି ବଡ଼ ବଡ଼ ଗଧଙ୍କୁ ଆପଣ ମଣିଷ କରିଛନ୍ତି। ମୋର କେହି ଭାଇ ନାହାନ୍ତି। ସେଥିପାଇଁ ଆମର ପୋଷା ଗଧକୁ ଆଣିଛି। ଆପଣ ତାକୁ ମଣିଷ କରିଦେଲେ ମୋ ପାଇଁ ବଡ଼ ଉପକାର ହେବ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧,


**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ନ୍ୟାଶନାଲ୍ କ୍ରାଫ୍ଟ ମ୍ୟୁଜିୟମ୍





**ନ୍ୟାଶନାଲ କ୍ରାଫ୍ଟ ମ୍ୟୁଜିୟମ୍ ହେଉଛି ନୂଆଦିଲ୍ଲୀସ୍ଥିତ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଏଠାରେ ଦେଶର ବିଭିନ୍ନ ପ୍ରାନ୍ତରୁ ସଂଗ୍ରହ କରାଯାଇଥିବା ବହୁ ଦୁର୍ଲଭ କଳାକୃତି ତଥା ହସ୍ତଶିଳ୍ପ ସାମଗ୍ରୀକୁ ପ୍ରଦର୍ଶିତ କରାଯାଇଥାଏ; ଯାହାକୁ ପର୍ଯ୍ୟଟକ ବୁଲି ଦେଖିବା ସହ ବହୁ ନିଆରା ଅନୁଭୂତିକୁ ମଧ ସାଉଁଟିପାରିବେ। ତେବେ କେବଳ ହସ୍ତକଳା, ହସ୍ତଶିଳ୍ପ ନୁହେଁ ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ବିଭିନ୍ନ ରାଜ୍ୟର ସଂସ୍କୃତି ସମ୍ପର୍କରେ ବି କିଛିଟା ଜ୍ଞାନ ଆହରଣ କରିପାରିବେ...**



**ନ୍ୟା**ଶନାଲ୍ ହାଣ୍ଡିକ୍ରାଫ୍ଟ ଆଣ୍ଡ ହାଣ୍ଡଲୁମ୍ ମ୍ୟୁଜିୟମ୍; ଯାହାକି ନ୍ୟାଶନାଲ୍ କ୍ରାଫ୍ଟ ମ୍ୟୁଜିୟମ୍ ଭାବେ ବି ଜଣାଶୁଣା। ନୂଆ ଦିଲ୍ଲୀର ପ୍ରଗତି ମୈଦାନ ନିକଟରେ ଥିବା ଏହି ମ୍ୟୁଜିୟମ୍‌ଟି ହେଉଛି ଭାରତର ଏକ ବୃହତ୍ତମ କ୍ରାଫ୍ଟ ମ୍ୟୁଜିୟମ୍; ଯେଉଁଠାରେ ଦେଶର ବିଭିନ୍ନ ପ୍ରାନ୍ତରୁ ସଂଗ୍ରହ କରାଯାଇଥିବା ବହୁ ଦୁର୍ଲଭ କଳାକୃତି ତଥା ହସ୍ତଶିଳ୍ପ ସାମଗ୍ରୀକୁ ପ୍ରଦର୍ଶିତ କରାଯାଇଥାଏ। କେବଳ ହସ୍ତକଳା, ହସ୍ତଶିଳ୍ପ ନୁହେଁ ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ବିଭିନ୍ନ ରାଜ୍ୟର ସଂସ୍କୃତି ସମ୍ପର୍କରେ ବି କିଛିଟା ଜ୍ଞାନ ଆହରଣ କରିପାରିବେ। ଖାସ୍ ସେଥିପାଇଁ ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳେ।

**ଇତିହାସ**

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି କ୍ରାଫ୍ଟ ମ୍ୟୁଜିୟମ୍‌ଟି କୁଆଡ଼େ ୧୯୫୬ ମସିହାରେ ପ୍ରଥମେ ଅଲ୍ ଇଣ୍ଡିଆ ହାଣ୍ଡିକ୍ରାଫ୍ଟ ବୋର୍ଡ ଦ୍ୱାରା ଗଢି ଉଠିଥିଲା। ଆଉ ଏବେ ଏହା ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ ଟେକ୍ସଟାଇଲ୍ ଡିପାର୍ଟମେଣ୍ଟ ଦ୍ୱାରା ପରିଚାଳିତ ହେଉଥିବା ସୂଚନା ରହିଛି। ପ୍ରଥମେ ପ୍ରଥମେ ଏହି ମ୍ୟୁଜିୟମ୍‌ଟି ଅଳ୍ପ କିଛି ହସ୍ତଶିଳ୍ପ ଓ ହସ୍ତକଳା ସାମଗ୍ରୀକୁ ନେଇ ଗଢି ଉଠିଥିଲା। କିନ୍ତୁ ଧୀରେ ଧୀରେ ଏହାର ପ୍ରଚାର, ପ୍ରସାର ଏତେ ବଢିଗଲା ଯେ, ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ପାରମ୍ପରିକ ହସ୍ତକଳା, ହସ୍ତଶିଳ୍ପ ସମାଗ୍ରୀକୁ ସଂଗ୍ରହ କରାଯାଇ ଏଠାରେ ପ୍ରଦର୍ଶନ କରାଗଲା। ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଏହି ମ୍ୟୁଜିୟମ୍‌ରେ ପ୍ରାୟ ୩୫ ହଜାରରୁ ଅଧିକ ପ୍ରକାରର ବହୁ ବିରଳ ହସ୍ତକଳା, ହସ୍ତଶିଳ୍ପ ସାମଗ୍ରୀ ଥିବାର ପର୍ଯ୍ୟଟକ ବୁଲି ଦେଖିପାରିବେ; ଯେଉଁଥିରେ ପଥର, କାଠ, ମୃତ୍ତିକା ସାମଗ୍ରୀ ବି ସାମିଲ ଥିବା କୁହାଯାଏ। କେବଳ ସେତିକି ନୁହେଁ ଏଠାରେ ବହୁ ବିଶିଷ୍ଟ ଲୋକଙ୍କ ଦ୍ୱାରା କରାଯାଇଥିବା ପେଣ୍ଟିଂକୁ ବି ସ୍ଥାନ ଦିଆଯାଇଛି।

**ସ୍ୱତନ୍ତ୍ର ଗ୍ୟାଲେରୀ**

ଏହି ମ୍ୟୁଜିୟମ୍‌ରେ କିଛିଟା ସ୍ୱତନ୍ତ୍ର ଗ୍ୟାଲେରୀ ବି ରହିଛି। ଯେମିତିକି ଭୁତ ସ୍କଲପଚର୍ ଗ୍ୟାଲେରୀ, ଟ୍ରାଇବାଲ୍ ଆଣ୍ଡ ଫୋକ୍ ଆର୍ଟ ଗ୍ୟାଲେରୀ, ରିଚୁଆଲ୍ କ୍ରାଫ୍ଟ ଗ୍ୟାଲେରୀ, କର୍ଟଲି କ୍ରାଫ୍ଟ ଆଣ୍ଡ ଟେକ୍ସଟାଇଲ୍ ଗ୍ୟାଲେରୀ ଇତ୍ୟାଦି ଅନ୍ୟତମ। ବିଭିନ୍ନ ପ୍ରକାର ପାରମ୍ପରିକ ପୋଷାକକୁ ବି ଏଠାରେ ସ୍ୱତନ୍ତ୍ର ଗ୍ୟାଲେରୀ କରି ସେଠାରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରଖାଯାଇଛି।




**ଅନ୍ୟାନ୍ୟ ଆକର୍ଷଣ**

ହସ୍ତକଳା, ହସ୍ତଶିଳ୍ପ ସାମଗ୍ରୀ ତଥା ପେଣ୍ଟିଂ ବ୍ୟତିତ ଏହି ମ୍ୟୁଜିୟମ୍‌ରେ କେତେକ ପୁରୁଣା କାଳିଆ ରଥ, ପୁରୁଣା କାଳିଆ ପାରମ୍ପରିକ ଘରକୁ ବି ପର୍ଯ୍ୟଟକ ବୁଲି ଦେଖିପାରିବେ। ତା'ଛଡ଼ା ଏଠାରେ ଏକ ପେଣ୍ଟିଂ ୱାଲ୍ ବି ରହିଛି; ଯେଉଁଠିକି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଭିନ୍ନ ଭିନ୍ନ ପେଣ୍ଟରମାନେ ଆସି ନିଜର କଳାକୁ ପେଣ୍ଟିଂ ମାଧ୍ୟମରେ ପ୍ରଦର୍ଶନ କରଥାନ୍ତି।


**କିଛି ଜରୁରୀ ଟିପ୍ସ**

* ପ୍ରତିଦିନ ସକାଳ ୯.୩୦ରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଉକ୍ତ ମ୍ୟୁଜିୟମ୍‌ଟି ପର୍ଯଟକଙ୍କ ଦେଖିବା ନିମନ୍ତେ ଖୋଲା ରହିଥାଏ।
* ଏଠାକୁ ପ୍ରବେଶ କରିବା ପାଇଁ ପର୍ଯ୍ୟଟକଙ୍କୁ ସ୍ୱତନ୍ତ୍ର ଅନୁମତି ନେବାକୁ ପଡିଥାଏ।
* ପ୍ରତି ସୋମବାର ଦିନ ଏହି ମ୍ୟୁଜିୟମଟି ପର୍ଯ୍ୟଟକଙ୍କ ବୁଲିବା ନିମନ୍ତେ ବନ୍ଦ ରହିଥାଏ।









# ଗଣତନ୍ତ୍ର ଦିବସ ପରେଡ୍‌: କିଛି କଥା




**ଆଜି ସାରା ଦେଶରେ ପାଳନ ହେଉଛି ୭୭ତମ ଗଣତନ୍ତ୍ର ଦିବସ। କର୍ତ୍ତବ୍ୟ ପଥରେ ଦେଶର କଳା, ସଂସ୍କୃତି, ଶକ୍ତି, ସାମର୍ଥ୍ୟର ନିଦର୍ଶନ ସ୍ୱରୂପ ଆୟୋଜନ ହୋଇଛି ପରେଡ୍ ଓ ରଙ୍ଗ ବେରଙ୍ଗର ପ୍ରଜ୍ଞାପନ ମେଢ଼। ତେବେ ଜାଣନ୍ତି କି ଏହା କେବେଠୁ ଆରମ୍ଭ ହୋଇଛି? ଜାଣନ୍ତୁ ସେ ସମ୍ପର୍କରେ କିଛି ରୋଚକ କଥା...**

*ଭାରତରେ ୨୬ ଜାନୁଆରୀ ୧୯୫୦ରେ ସମ୍ବିଧାନ ଲାଗୁ ହୋଇଥିଲା। ତେଣୁ ସେହିଦିନଠାରୁ ଗଣତନ୍ତ୍ର ଦିବସ ପ୍ରସେଶନ୍ ଆରମ୍ଭ ହୋଇଥିଲା। ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ ଯାହାକି ପୂର୍ବେ ଇରୱିନ ଆମ୍ଫିଥିଏଟର ଭାବେ ପରିଚିତ ଥିଲା, ସେଠାରେ ଏହି ପ୍ରସେଶନ୍ ହୋଇଥିଲା। ୧୦୦ ଏୟାରକ୍ରାଫ୍ଟ, ୩୦୦୦ ଭାରତୀୟ ସେନା ଏଥିରେ ଅଂଶ ଗ୍ରହଣ କରିଥିଲେ। ଭାରତର ଏହି ପ୍ରଥମ ଗଣତନ୍ତ୍ର ଦିବସ ପ୍ରସେଶନ୍‌ରେ ପ୍ରଥମ ମୁଖ୍ୟ ଅତିଥି ଭାବେ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣୋ ଯୋଗ ଦେଇଥିଲେ।

*ସମସ୍ତେ ଜାଣନ୍ତି ଯେ, ଗଣତନ୍ତ୍ର ଦିବସ ପରେଡ୍ କର୍ତ୍ତବ୍ୟ ପଥରେ ଆୟୋଜନ କରାଯାଇଥାଏ, ଯାହାକି ପୂର୍ବେ ରାଜପଥ ନାମରେ ପରିଚିତ ଥିଲା। ହେଲେ ଜାଣନ୍ତି କି ୧୯୫୦ରୁ ୧୯୫୪ ମସିହା ପର୍ଯ୍ୟନ୍ତ ଏହି ପରେଡ୍ କର୍ତ୍ତବ୍ୟ ପଥରେ ନୁହେଁ ବରଂ ଇରୱିନ ଷ୍ଟାଡିୟମ(ବର୍ତ୍ତମାନର ନ୍ୟାଶନାଲ ଷ୍ଟାଡ଼ିୟମ), କିଙ୍ଗ୍‌ସ ୱେ, ଲାଲକିଲ୍ଲା ଓ ରାମଲିଲା ମଇଦାନ ଆଦି ଚାରୋଟି ସ୍ଥାନରେ ଆୟୋଜିତ ହେଉଥିଲା। ସେତେବେଳେ ରାଜପଥକୁ ହିଁ କିଙ୍ଗ୍‌ସ ୱେ କୁହାଯାଉଥିଲା।

*୧୯୫୫ରେ ଯେବେ ରାଜପଥରେ ପରେଡ୍ ଆୟୋଜନ କରାଯାଇଥିଲା ସେତେବେଳେ ପାକିସ୍ତାନର ଗଭର୍ନର ଜେନେରାଲ ମଲିକ ଗୁଲାମ ମହମ୍ମଦଙ୍କୁ ଆମନ୍ତ୍ରିତ କରାଯାଇଥିଲା।

*୨୬ ଜାନୁଆରୀରେ ୨୧ ତୋପର ସଲାମୀ ଦିଆଯାଏ ବୋଲି ସମସ୍ତେ ଜାଣନ୍ତି। ହେଲେ ଜାଣନ୍ତି କି ଏଥିପାଇଁ ୨୧ କ୍ୟାନନ ନୁହେଁ, ବରଂ ଭାରତୀୟ ସେନାର ୭ କ୍ୟାନନ ବ୍ୟବହାର କରାଯାଏ। ସବୁଠୁ ରୋଚକ କଥା ହେଉଛି ଏହି ଫାୟାରିଂ ରାଷ୍ଟ୍ରୀୟ ସଙ୍ଗୀତର ଟାଇମିଂକୁ ମ୍ୟାଚ୍ କରି କରାଯାଇଥାଏ। ପ୍ରଥମ ଫାୟାରିଂ ରାଷ୍ଟ୍ରୀୟ ସଙ୍ଗୀତ ଆରମ୍ଭ ହେବା ସହ କରାଯାଏ ଓ ଅନ୍ତିମ ଫାୟାରିଂ ୫୨ ସେକେଣ୍ଡ ପରେ କରାଯାଏ।

*୨୬ ଜାନୁଆରୀ ପରେଡର ରିହର୍ସଲ ପାଇଁ ପ୍ରତି ଗ୍ରୁପକୁ ୧୨ କି.ମି. ଦୂର ଯିବାକୁ ହୁଏ। ହେଲେ ଜାନୁଆରୀ ୨୬ ତାରିଖରେ କେବଳ ୯ କି.ମି. ଦୂର ହିଁ ପରେଡ ହୁଏ। ଗ୍ରୁପର ପରଫରମାନ୍ସ ଉପରେ ଜଜ୍‌ମାନଙ୍କ ନଜର ରହିଥାଏ। ଶେଷରେ କୌଣସି ଗୋଟିଏ ଗ୍ରୁପକୁ ବେଷ୍ଟ ମାର୍ଚିଂ ଗ୍ରୁପ୍‌ରେ ସମ୍ମାନିତ କରାଯାଏ।

*ପରେଡ୍‌ରେ ସାମିଲ ଝାଙ୍କି ବା ପ୍ରଜ୍ଞାପନ ମେଢଗୁଡ଼ିକ ଘଣ୍ଟା ପ୍ରତି ୫ କି.ମି. ବେଗରେ ଗତି କରନ୍ତି। ଯଦ୍ୱାରା କି ଲୋକମାନେ ଭଲଭାବେ ଦେଖିପାରିବେ। ଜାଣିକି ଆଶ୍ଚର୍ଯ୍ୟ ହେବେ କି ଏହି ପ୍ରଜ୍ଞାପନ ମେଢଗୁଡ଼ିକର ଡ୍ରାଇଭର ଏକ ଛୋଟିଆ ଝରକା ବାଟେ ଦେଖିକି ଗାଡ଼ି ଚଳାଇ ଥାଆନ୍ତି।

*ପରେଡ୍‌ରେ ସାମିଲ ପ୍ରାୟ ସମସ୍ତେ ରାତି ୨ଟା ଭିତରେ ପ୍ରସ୍ତୁତ ହୋଇଯାଆନ୍ତି ଓ ରାତି ୩ଟା ବେଳକୁ ରାଜପଥରେ ପହଞ୍ଚି ଯାଆନ୍ତି।

*ପରେଡ୍‌ରେ ଭାଗ ନେଉଥିବା ସମସ୍ତଙ୍କୁ ଚାରି ସ୍ତରୀୟ ଯାଞ୍ଚଦେଇ ଯିବାକୁ ହୁଏ। ସେମାନଙ୍କ ହତିଆରଗୁଡ଼ିକର ଭଲଭାବେ ଯାଞ୍ଚ କରାଯାଏ।




## ଟାଟୁ କରୁଛି କୃତ୍ରିମ ହାତ



ଫ୍ରାନ୍ସର ଜେସି ସେତାନ ଟିନେଟ୍ ୧୦ ବର୍ଷ ବୟସରେ ଏକ ଦୁର୍ଘଟଣାରେ ଡାହାଣ ହାତର କହୁଣିଠାରୁ ତଳକୁ ହରାଇଥିଲେ। ତେବେ ବି ସେ ଅଟକି ଯାଇ ନ ଥିଲେ। ବାମ ହାତରେ ସବୁ କାମ କରିବା ଶିଖିଲେ। ଆଉ ଏବେ ସେ ପୃଥିବୀର ଜଣେ ବହୁ ପରିଚିତ ଟାଟୁ ଆର୍ଟିଷ୍ଟ ଭାବେ ପରିଚିତ। ସାଧାରଣତଃ ଟାଟୁ କରିବା ଲାଗି ଦୁଇ ହାତ ନିହାତି ଆବଶ୍ୟକ। ନଚେତ୍ ଟାଟୁ କରିବା ପ୍ରାୟତଃ ଅସମ୍ଭବ । ହେଲେ ଟିନେଟ୍‌ଙ୍କର ଟାଟୁ କରିବା ନେଇ ଥିଲା ପ୍ରବଳ ଆଗ୍ରହ। ତେଣୁ ସେ ପ୍ରଥମେ ନିଜ ଗୋଡ଼ରେ ଓ ପରେ ନିଜ ସାଙ୍ଗ ଗୋଡ଼ରେ ଟାଟୁ କରିବାକୁ ଚେଷ୍ଟା କରିଥିଲେ। ଯଦିଓ ଟାଟୁ କରିବାରେ ସେ ସଫଳ ହେଲେ, କିନ୍ତୁ ତାଙ୍କୁ ବହୁତ କଷ୍ଟ କରିବାକୁ ପଡ଼ିଥିଲା। ଟିନେଟ୍, ଫ୍ରାନ୍ସର ଆର୍ଟିଷ୍ଟ ତଥା ଇଞ୍ଜିନିୟର ଜିନ ଲୁଇସ୍ ଗୋଞ୍ଜାଲେଜ୍‌ଙ୍କର ଫ୍ୟାନ୍ ଥିଲେ। ଯିଏ କି ବିଭିନ୍ନ ପ୍ରକାରର ମେଶିନ ତିଆରି କରିବାରେ ସିଦ୍ଧହସ୍ତ ଥିଲେ। ଟିନେଟ୍ ତାଙ୍କୁ ଅନୁରୋଧ କଲେ ଏଭଳି ଏକ ପ୍ରୋସ୍ଥେଟିକ ବାହୁ ତିଆରି କରିବେ, ଯାହା ଟାଟୁ ଗନ୍‌ର କାମ କରିବ। ଏହାପରେ ଗୋଞ୍ଜାଲେଜ୍ ଛୁଞ୍ଚି, ସିଲେଇ ମେଶିନ୍‌ର ବିଭିନ୍ନ ପାର୍ଟ ଓ ରେକର୍ଡ ପ୍ଲେୟରର ସମନ୍ୱୟରେ ଏକ କୃତ୍ରିମ ହାତ ତିଆରି କଲେ। ଉକ୍ତ କୃତ୍ରିମ ବାହୁଟି ଏକ ଟାଟୁ ଗନ୍‌ର କାମ କଲା, ଯାହାକି ୩୬୦° ବୁଲିପାରେ ଓ ବେଶ୍ ହାଲୁକା ମଧ୍ୟ। ଟିନେଟ୍ ଏହାକୁ ପିନ୍ଧି ଟାଟୁ କରିବା ଆରମ୍ଭ କଲେ। ଖୁବ୍ ଶୀଘ୍ର ଲୋକପ୍ରିୟ ବି ହୋଇଗଲେ। ତା'ସହ ପୃଥିବୀର ସର୍ବପ୍ରଥମ ପ୍ରୋସ୍ଥେଟିକ ଟାଟୁ ଗନ୍ ଆର୍ମ ବ୍ୟବହାର କରି ଟାଟୁ କରୁଥିବା ବ୍ୟକ୍ତି ପାଲଟିଛନ୍ତି।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ୟାସୀ ଜୀ

# ଦେବତା, ଭଗବାନ ଓ ଈଶ୍ୱର

(ଭାଗ-୬)

ଦେବକୀର ଅଷ୍ଟମ ଗର୍ଭ ସନ୍ତାନ ମୃତ୍ୟୁର କାରଣ ହେବ ବୋଲି ଶୂନ୍ୟବାଣୀ ହୋଇଥିଲେ ବି କଂସ କାହିଁକି ଦେବକୀଙ୍କ ପ୍ରଥମ ଗର୍ଭରୁ ସନ୍ତାନମାନଙ୍କୁ କ୍ରମାନ୍ୱୟରେ ମାରି ଚାଲିଲା ସେ ବିଷୟରେ ଆମେ ଗତ ସ୍ତମ୍ଭରେ ଆଲୋଚନା କରିଥିଲେ। ସନ୍ୟାସୀ ଆପଣଙ୍କ ମନେ ପକାଇଦେବାକୁ ଚାହେଁ ଯେ ଆମ ଆଲୋଚନାର ମୂଳ ବିଷୟବସ୍ତୁ ଥିଲା, ଭଗବାନ୍ କ'ଣ ନୂଆ ଜିନିଷ ଉତ୍ପତ୍ତି କରିପାରନ୍ତି ଯାହା ଅନ୍ୟମାନଙ୍କ ଦ୍ୱାରା ସମ୍ଭବ ନୁହେଁ। ଶରୀର ନଷ୍ଟହୋଇ ମରିଯାଇଥିବା ବ୍ୟକ୍ତି ପୁଣି ପୂର୍ବ ଶରୀରକୁ ଧରି ଜୀବନ ପାଇଥିବା କଥା ଅସମ୍ଭବ ହୋଇଥିଲେ ବି କିନ୍ତୁ ଯିଏ ଭଗବାନ୍ ତାଙ୍କ ପାଇଁ ଏ କାର୍ଯ୍ୟଟି ନିହାତି ମାମୁଲି କଥା। ଯିଏ ସମ୍ଭବକୁ ଅସମ୍ଭବ ଏବଂ ଅସମ୍ଭବକୁ ସମ୍ଭବ କରିପାରନ୍ତି ସେ ହିଁ ଭଗବାନ୍ ପଦବାଚ୍ୟ। ଏ କାର୍ଯ୍ୟକୁ ନା ଦେବତା ନା ଈଶ୍ୱର, କେହି ବି କରିପାରିବେ ନାହିଁ। କୃଷ୍ଣ ହେଉଛନ୍ତି ଭଗବାନ୍। ସେ କେଉଁ ଅସମ୍ଭବ କାର୍ଯ୍ୟକୁ ସମ୍ଭବକରି ଦେଖାଇଛନ୍ତି ସେ ବିଷୟ ଆଲୋଚନା କରୁ କରୁ ଆମ୍ଭେ ମଥୁରାପୁର ଆଡ଼େ ପଳାଇ ଯାଇଥିଲେ। ତଥାପି ଆମେ ମଥୁରାରୁ କାହିଁକି ସହଜରେ ବାହାରି ଆସିପାରିବାର ଲକ୍ଷଣ ଆଜି ଜଣାପଡୁନାହିଁ। ଗତଥରର କଥା ଅଟକିଥିଲା ଗୁରୁ ସନ୍ଦିପନୀଙ୍କ ନିକଟରେ। ଭଗବାନ୍ ଶ୍ରୀକୃଷ୍ଣ ଗୁରୁଦକ୍ଷିଣା ଦେବା ପାଇଁ ପ୍ରସ୍ତୁତ। କିନ୍ତୁ ଗ୍ରହଣ କରିବାକୁ ଗୁରୁ ନାରାଜ।

ଏ ସ୍ତମ୍ଭରେ ପୁଣି ଏଇଠୁ କଥା ଆରମ୍ଭ କରିବାକୁ ମନସ୍ଥ କରୁଥିବା ବେଳେ ମନେ ପଡ଼ିଯାଉଛି ସୁନ୍ଦରଗଡ଼ ଅଞ୍ଚଳର ଯୁକ୍ତ ୨ ଶ୍ରେଣୀରେ ପାଠ ପଢୁଥିବା ଆଦରଣୀୟ ଯୁବକ ବସନ୍ତଙ୍କ କଥା। ଗତ ଲେଖାକୁ ପାଠକରି ବସନ୍ତବାବୁ ଦୂରଭାଷ ମାଧ୍ୟମରେ ଯେଉଁ ଜିଜ୍ଞାସା ବ୍ୟକ୍ତ କରିଥିଲେ, ସେ ଜିଜ୍ଞାସାକୁ ଆଦୌ ଅଣଦେଖା କରାଯାଇ ନ ପାରେ।

ବସନ୍ତବାବୁଙ୍କ ପ୍ରଶ୍ନ ଥିଲା ଖୁବ୍ ସରଳ – ଦେବକୀର ଗର୍ଭସ୍ଥ ସନ୍ତାନମାନଙ୍କ ପ୍ରତି ଯଦି କଂସର ଏତେ ଭୟ ଥିଲା ତେବେ ସେ ଦେବକୀକୁ ରଥ ଉପରେ ମାରିବାକୁ ଯାଉଥିଲା କାହିଁକି, ସେମାନଙ୍କୁ ବନ୍ଦୀଶାଳାରେ ରଖି କଷ୍ଟ ଦେଉଥିଲା କାହିଁକି ବା ଦେବକୀର ସନ୍ତାନଙ୍କୁ ହତ୍ୟାକରିବା ପରି ପାପକୁ ମୁଣ୍ଡାଇବାକୁ ଗଲା କାହିଁକି ? କଂସର ଟିକିଏ ହେଲେ ବି ବୁଦ୍ଧିଶୁଦ୍ଧି ନ ଥିବା ପରି ମୋର ମନେହେଉଛି। ସେ ଯଦି ଦେବକୀ ଆଉ ବସୁଦେବଙ୍କୁ ଅଲଗା ଅଲଗା କୋଠରିରେ ରଖିଦେଇଥାନ୍ତା ତେବେ କଥା ସରିଥାନ୍ତା। ଦେବକୀର ସନ୍ତାନ ଜନ୍ମ ହେବା ପର୍ଯ୍ୟନ୍ତ କଥା ଯାଇ ନ ଥାନ୍ତା ? ସ୍ୱାମୀ – ସ୍ତ୍ରୀର ମିଳନ ହେଲେ ସିନା ସନ୍ତାନ ଉତ୍ପତ୍ତି ହେବ। ଏତିକି ଅକଲ କଂସ ମୁଣ୍ଡକୁ ଢୁକିଲା ନାହିଁ କେମିତି କୁହନ୍ତୁ ?

ଆଧୁନିକ ଯୁଗର ଏ ନବ୍ୟ ଶିକ୍ଷିତମାନଙ୍କ ମଗଜରେ ଥିବା ଏଭଳି ପ୍ରତ୍ୟୁତ୍ପନ୍ନମତିତାକୁ ଦେଖି ମନେ ମନେ ବେଶ୍ ତାରିଫ୍ କଲି ତାଙ୍କୁ। ପାଠକେ! ଟିକେ ଚିନ୍ତା କରନ୍ତୁ। ତାଙ୍କ ମନରେ ଉଠିଥିବା ଏଇ ପ୍ରଶ୍ନଟି ବାସ୍ତବିକ ଚର୍ଚ୍ଚା କରିବାର ଯୋଗ୍ୟ ନା ନାହିଁ? ସେଦିନ ଅବଶ୍ୟ ତାଙ୍କୁ କିଛି ଉତ୍ତର ନ ଦେଇ ଅପେକ୍ଷା କରାଇଥିଲି ଆଜିର ଏଇ ସ୍ତମ୍ଭକୁ। କିନ୍ତୁ ଗୋଟିଏ କଥା ତାଙ୍କୁ କହିଥିଲି, ଆପଣଙ୍କ ପରି ଯୁବକଙ୍କ ମନରେ ଯେତେବେଳେ ଏ କଥାଟି ଆସୁଛି, କଂସ ପରି ବିରାଟ ପରାକ୍ରମୀ ଓ ଚତୁର ରାକ୍ଷସ ମନରେ ଏ ଭାବନା ଆସି ନ ଥିବ ବୋଲି ଆପଣ ଜାଣିଲେ କେମିତି? ଚଟ୍ କରି ପରବର୍ତ୍ତୀ ପ୍ରଶ୍ନ ଥିଲା ତେବେ ସେମିତି ପଦକ୍ଷେପ ନେବା ପାଇଁ କଂସ କାହିଁକି ଉଦ୍ୟତ ହେଲା ନାହିଁ, କୁହନ୍ତୁ ଆଜ୍ଞା ? ?

ସେ ରାବଣ ହେଉ କି କଂସ, ସେ ଦୁର୍ଯ୍ୟୋଧନ ହେଉ କି ହିରଣ୍ୟକଶିପୁ- ଏମାନଙ୍କ ଭିତରେ ଯେ କେବଳ ଦୁଷ୍ଟ ପ୍ରବୃତ୍ତିର ଭାବନା ରାଜ କରୁଥିଲା ତା' ନୁହେଁ, ରାକ୍ଷସ ପ୍ରବୃତ୍ତିର ଇଲାକା ଭିତରେ କେଉଁଠି ନା କେଉଁଠି ମାନବୀୟ ସମ୍ବେଦନଶୀଳତାର ଗୁଣଟି ବି ଲୁକ୍କାୟିତ ହୋଇ ରହିଥିଲା। ମଣିଷ ଭିତରେ ସବୁବେଳେ ସାଧୁ-ସୈତାନ, ପାପ-ପୁଣ୍ୟ ବା ଦିବ୍ୟ-ଅଦିବ୍ୟର ଭାବନା ରହିଥାଏ। କାହା ଭିତରେ ଶହେକୁ ଶହେ ରାକ୍ଷସୀ ବା ଶହେକୁ ଶହେ ଦିବ୍ୟ ଭାବନା ନ ଥାଏ। ଭଲ ଗୁଣ ଏବଂ ମନ୍ଦ ଗୁଣକୁ ନେଇ ହିଁ ବ୍ୟକ୍ତିତ୍ୱ ଟିଏ ସୃଷ୍ଟି ହୋଇଥାଏ। ଯେତେବଡ଼ ମହାପୁରୁଷ ହେଲେ ବି ତାଙ୍କ ଭିତରେ ମାତ୍ରା କମ୍ ହେଉ ପଛେ, କିଛି ନା କିଛି ମନ୍ଦ ଗୁଣ



ନିଶ୍ଚେ ରହିଥାଏ। ଏହାର ବିପରୀତ ଯେତେ ଦୁର୍ଦ୍ଧାନ୍ତ ଅପରାଧୀ ବା ଖରାପ ଲୋକ ହେଲେ ମଧ୍ୟ ତା' ଭିତରେ କିଛି ବି ଭଲ ଗୁଣ ରହିଥାଏ। ଏହି ପ୍ରକାରେ ମଣିଷକୁ ବିଧାତା ସୃଷ୍ଟି କରିଛନ୍ତି। ଖାଣ୍ଟି ସୁନାରେ ଯେମିତି ଅଳଙ୍କାର ତିଆରି କରାଯାଇ ନ ପାରେ। ସେଥିରେ କିଛି ଖାଦ ମିଶାଇବାକୁ ପଡ଼େ ଠିକ୍ ସେମିତି ଭଗବାନଙ୍କୁ ବାଦ୍ ଦେଲେ ଏ ଦୁନିଆରେ କେହି ବି ପୂରା ଖରାପ ବା ପୂରା ଭଲ ନୁହନ୍ତି।

ଶୂନ୍ୟବାଣୀ ଶ୍ରବଣ କରିସାରିବା ପରେ ଦେବକୀକୁ ହତ୍ୟା କରିବା ପାଇଁ କଂସ ଯେତେବେଳେ ନିଜର ବିଦ୍ୟୁତସମ ଝଲକ ସୃଷ୍ଟି କରୁଥିବା ଖଣ୍ଡକୁ ଉଠାଇଲା, ଠିକ୍ ସେତିକିବେଳେ କଂସର ପୁରୋହିତ ଗାଗର୍ବ ମୁନି (କେହି କେହି ଦେବର୍ଷି ନାରଦ ବୋଲି ବି କୁହନ୍ତି) ଉପସ୍ଥିତ ହୋଇ 'ହାଁ ହାଁ.. ରୁହ ରୁହ.. ! କଂସ ! ଏ କି ଅନୁଚିତ କାର୍ଯ୍ୟ କରୁଛ ?' ବୋଲି କହି କଂସକୁ ଅଟକାଇ ଦେଇଥିଲେ। ସେତିକିବେଳେ ଗାଗର୍ବ ମୁନି ବସନ୍ତ ବାବୁଙ୍କ ଭାବନାକୁ କଂସ ଆଗରେ ରଖି କହିଥିଲେ ଯେ, ଦେବକୀକୁ ହତ୍ୟା ନ କରି ତାକୁ ଏକାନ୍ତ ବାସରେ ରଖାଯାଉ। ବସୁଦେବଙ୍କୁ ମଧ୍ୟ ଅଲଗା କୋଠରି କିମ୍ବା ସ୍ୱଦେଶକୁ ପଠାଇ ଦିଆଯାଉ। 'ମୂଳୁ ମାରିଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି' ନ୍ୟାୟରେ ଦେବକୀର ମଙ୍ଗଳ ଆଉ କଂସ ତୁମର ବି ମଙ୍ଗଳ ହେବ।

କୂଳ ପୁରୋହିତଙ୍କ ଏ ପ୍ରସ୍ତାବ କଂସର ମନକୁ କିନ୍ତୁ ପାଇଲା ନାହିଁ। ତା' ଭିତରେ ଏଇଠି ସାମାନ୍ୟ ଟିକେ ମାନବୀୟ ଉଦ୍‌ବେଳନ ସୃଷ୍ଟି ହେଲା। ସାନ ଭଉଣୀ ଦେବକୀକୁ ସେ ବହୁତ ଭଲ ପାଉଥିଲା। ନିଜ ଉପରକୁ ବିପଦ ଆସୁଥିବାର ଜାଣିବାରୁ ସିନା ସେ ତାକୁ ମାରିବାକୁ ଯାଉଥିଲା। କୂଳ ପୁରୋହିତ ପ୍ରସ୍ତାବ ଶୁଣି ସେ ମନେ ମନେ ଭାବିଲା – ଜଣେ ନାରୀକୁ ତା' ସ୍ୱାମୀ ସୁଖରୁ ବଞ୍ଚିତ କରାଇବା ମହାପାପ। ଦେବକୀକୁ ଯଦି ତା' ସ୍ୱାମୀଠାରୁ ଅଲଗା କରିଦେବି ତେବେ ସେ ବିରହ ବିଚ୍ଛେଦ ଜ୍ୱାଳାରେ ଛଟପଟ ହେବ। ସେଥିରୁ ଉତ୍ପନ୍ନ ପାପର ଅଗ୍ନିରେ ମୁଁ ଭସ୍ମ ହୋଇଯିବି। ମୁଁ ପଛେ ତା' ଗର୍ଭସ୍ଥ ସନ୍ତାନମାନଙ୍କୁ ମାରି ଶିଶୁ ହତ୍ୟାର ପାପକୁ ମୁଣ୍ଡାଇବି କିନ୍ତୁ ମୋ ଭଉଣୀକୁ ତା' ସ୍ୱାମୀ ସୁଖରୁ ବଞ୍ଚିତ କରାଇବି ନାହିଁ। ଏ କଥା ଚିନ୍ତା କରି ଶେଷରେ ଦୁହିଁଙ୍କୁ କାରାଗାରର ଗୋଟିଏ କୋଠରିରେ ରଖିବାକୁ ନିଷ୍ପତ୍ତି ନେଲା ଏବଂ କାର୍ଯ୍ୟରେ ସେୟା ହିଁ କଲା। ସେଥିପାଇଁ କଂସର ଦୟାରୁ କୃଷ୍ଣ ଜନ୍ମ ହୋଇଥିଲେ ବୋଲି କହି ଅନେକ କ୍ଷେତ୍ରରେ ମହାତ୍ମାମାନେ କଂସଠାରେ ବି ସଦ୍‌ଗୁଣର ସନ୍ଧାନ କରିଥାନ୍ତି।

ଦାମ୍ପତ୍ୟ ସୁଖରୁ ଋଷି ଓ ଋଷି ପତ୍ନୀଙ୍କୁ ବଞ୍ଚିତ କରିଥିବା ଯୋଗୁ ସେଦିନ ଦାରୁଣ ଅଭିଶାପର ଅତଳ ବୋଝକୁ ମୁଣ୍ଡାଇବାକୁ ପଡିଥିଲା ମହାଭାରତର ପଣ୍ଡୁଙ୍କୁ। ଆଜିକାର ସମୟରେ ବି ଏ ଅନିଷ୍ଟକାରୀ ତତ୍ତ୍ୱଗୁଡିକ ଆମ ସମାଜ ତଥା ପରିବାରରେ କାମ କରୁଥିବାର ନଜିର ରହିଛି। ପୁଅ ନିଜ ପସନ୍ଦର ଝିଅକୁ ବିଭା ହୋଇ ସ୍ତ୍ରୀର ମାନ୍ୟତା ଦେଇଥିବାବେଳେ ଏହା କିନ୍ତୁ ମା'ର ହଜମ ହେଉନି। ନିଜ ପୁଅ – ବୋହୂ କେମିତି ଏକାଠି ମିଶି ନ ପାରିବେ ସେଥିପାଇଁ ନାନାଦି କୂଟ କପଟ କରି ପୁଅକୁ ହାତମୁଠାରେ ରଖିବାକୁ ଚେଷ୍ଟା କରୁଛି। କୁହନ୍ତୁ, ଏଭଳି ମା'ମାନଙ୍କୁ କ'ଣ କୁହାଯାଇପାରେ। ମା' ନାମରେ ଏମାନେ ଗୋଟିଏ ଗୋଟିଏ କଳଙ୍କିନି। ଇଚ୍ଛା ମୁତାବକ ଯୌତୁକ ଆଣି ନ ଥିବାରୁ ଏହାକୁ ଆଳ କରି ଆଜି ଅନେକ ଶାଶୁ (ସେମାନଙ୍କ ଭିତରେ ଶିକ୍ଷିତ ମହିଳା ବି ଅଛନ୍ତି) ସେମାନଙ୍କ ବୋହୂକୁ ପୁଅ ସହ ଭଲ ଭାବରେ ମିଳାମିଶା ଉପରେ ବହୁ କଟକଣା ଜାରି କରୁଥିବାର ଦେଖାଯାଏ। ଏମାନେ ତ କଂସଠାରୁ ଆହୁରି ମାରାତ୍ମକ। ନିଜ ମୃତ୍ୟୁ ରହସ୍ୟ ଜାଣି ବି କଂସ ଦେବକୀ ଓ ବସୁଦେବଙ୍କୁ ଏକାଠି ରହିବାକୁ ନିର୍ବିଘ୍ନରେ ଛାଡିଦେଇଥିଲା। ଆଜିକାର ଯୁଗରେ ଯଦି ଏମିତି କିଛି ମୃତ୍ୟୁର ସୂଚନା ଆସେ ତେବେ କେତେ ଜଣ ବାପା, ମା' ନିଜ ପୁଅ-ବୋହୂଙ୍କୁ ଅବାଧରେ ଛାଡ଼ିଦେବେ, ତାହା ଏକ ବିରାଟ ପ୍ରଶ୍ନବାଚୀ। କିନ୍ତୁ କଂସ ରାକ୍ଷସ ହେଲେ ବି ସେ ଏପ୍ରକାର ମାନବିକତାଠାରୁ ଦୂରେଇ ଯାଇ ନ ଥିଲା।

-ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ,ତେଲେଙ୍ଗାପେଣ୍ଠ, କଟକ, ମୋ: ୯୪୩୭୨୯୨୬୯୯

## ସମୀକ୍ଷାୟନ

### ଲମ୍ବା ରାତି

ମମତା ସାହୁ, ପ୍ରକାଶକ-ଟାଇମ୍ ପାସ୍
ବରମୁଣ୍ଡା, ଭୁବନେଶ୍ୱର-୩, ମୂଲ୍ୟ-୧୯୫ଟଙ୍କା

ଲମ୍ବା ରାତି ମମତା ସାହୁଙ୍କ କବିତା ପୁସ୍ତକ । ଏଥିରେ ୪୩ଟି କବିତା ପ୍ରକାଶିତ ହୋଇଛି। ରାତି ଲମ୍ବି ଚାଲିବା ଏକ ସ୍ୱପ୍ନମୟ ସମ୍ଭାବନାର ପ୍ରତୀକ। ବିଶେଷକରି ଜଣେ ନାରୀକବି; ଯିଏକି ଜୀବନ ଆଉ ଜୀବିକା ମଝିରେ ନିଜ ସ୍ୱପ୍ନକୁ ଚାପି ରଖିଥାଏ । ସେ ନିଶ୍ଚିତ ଭାବେ ରାତିର ଦୈର୍ଘ୍ୟ ବଢ଼େଇବାକୁ ଇଚ୍ଛାକରେ । ତେଣୁ ଡ. ସାହୁ ସେଇ ଲମ୍ବା ରାତିକୁ ନେଇ ରଚନା କରିଛନ୍ତି ଚମତ୍କାର କବିତା। କେବେ ନଦୀ ତ କେବେ ନିଆଁ/ବହିଲେ କୂଳଟା ଛୁଇଁଲେ ଛୁଆଁ/ ମୁଁ କେବଳ ଗୋଟେ ଦେହ/ମୋର ଅସ୍ତିତ୍ୱ ବି/ତୁମ




ଦୟାର ଏକ ଚକ୍ ଚକ୍ ଛଳନା/ ମୋତେ ଶିଖାଇ ଦିଆଯାଏ/ ତାକୁ ଭୋଗିବାକୁ । ମମତାଙ୍କ କବିତା ଏକ ପ୍ରେମଜ ଆଲିଙ୍ଗନ, ଏକ ଲୋଭନୀୟ ଦୀର୍ଘଶ୍ୱାସ ଓ ସରୁ ନ ଥିବା ଅନ୍ଧାର ଭିତରେ ଜୁକୁଜୁକୁ ହେଉଥିବା ସ୍ୱପ୍ନର ଲଣ୍ଠନଟିଏ ; ଯାହାକୁ ପଢାଯାଇପାରେ ଉଷୁମ ଆବେଗରେ। ଯେ କୌଣସି କବିତା ପଢନ୍ତୁ ତାହା ନିଶ୍ଚୟ ପାଠକଙ୍କୁ ଭାବିତ କରିବ । ବହିର ଭବିଷ୍ୟତ ଉଜ୍ଜ୍ୱଳ ଏଥିରେ ସନ୍ଦେହ ନାହିଁ।

### ମହାକବି କାଳିଦାସଙ୍କ କାହାଣୀ

ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ପ୍ରକାଶକ- ପ୍ରଭାଂଶୁ ସାମନ୍ତରାୟ
ଦିବ୍ୟଦ୍ୟୁତ ପ୍ରକାଶନୀ, ରାଜାବଗିଚା, କଟକ-୯
ମୂଲ୍ୟ- ୧୧୦ଟଙ୍କା

ପୁସ୍ତକରେ ୩୧ଟି ବିଷୟରେ କାଳିଦାସଙ୍କ ଉପରେ ବର୍ଣ୍ଣନା କରାଯାଇଛି। ମହାରାଜା ଭୋଜ ଓ ତାଙ୍କ ସଭାର ଭୂଷଣ କବିକୂଳ ତିଳକ ମହାକବି କାଳିଦାସଙ୍କୁ ସମସ୍ତେ ଜାଣନ୍ତି। ମହାରାଜା ଯେପରି ଅପୂର୍ବ ଉଦାରତା, ଅଦ୍ଭୁତ ପାଣ୍ଡିତ୍ୟ ଓ ଅଲୌକିକ ଗୁଣଗ୍ରହୀତା ନିମିତ୍ତ ବିଶ୍ୱପ୍ରସିଦ୍ଧ ଥିଲେ, କବି





କାଳିଦାସ ମଧ୍ୟ ସେହିପରି ବୁଦ୍ଧିମାନ, ପାଣ୍ଡିତ୍ୟ ତଥା ବିଲକ୍ଷଣ ପ୍ରତିଭା ନିମିତ୍ତ ପ୍ରସିଦ୍ଧ ଥିଲେ। କାଳିଦାସ ଆପଣାର ଅଦ୍ଭୁତ ପ୍ରତିଭା ହେତୁ ୧୪ଶହ ପଣ୍ଡିତଙ୍କ ମଧ୍ୟରେ ମୁଖ୍ୟ ଥିଲେ। ତାଙ୍କର କୀର୍ତ୍ତି ଚତୁର୍ଦ୍ଦିଗରେ ପ୍ରଚାର ଓ ପ୍ରସାରିତ ହୋଇଥିଲା। ଏଥିସହିତ ତର୍କ କରିବା ପାଇଁ ଅନେକ ଦେଶରୁ ମହାନ ପଣ୍ଡିତ ଓ କବିମାନେ ଆସୁଥିଲେ। ପୁସ୍ତକରେ ରାଜା ଭୋଜ ତଥା କାଳିଦାସଙ୍କର ନାନାପ୍ରକାର ମନୋରମ କଥାକୁ ଏକାଠି କରାଯାଇଛି ; ଯାହା ସୁଖପାଠ୍ୟ।

### ପ୍ରେମ ପ୍ରଣୟ ପ୍ରତାରଣା

ନାରାୟଣ ମହାରଣା, ସମ୍ପାଦନା- କାହ୍ନୁଚରଣ ମହାରଣା
ପ୍ରକାଶକ-ସୃଜନ ସ୍ୱପ୍ନ, ଏଲ.ବି.୨୨୬, ବଡ଼ଗଡ଼ ବ୍ରିଟ କଲୋନୀ
ଭୁବନେଶ୍ୱର-୧୮, ମୂଲ୍ୟ-୧୮୦ଟଙ୍କା

ଏହା ଏକ ମନୋରଞ୍ଜନଧର୍ମୀ ହସକାନ୍ଦ ଭରା ସାମାଜିକ ନାଟକ। ନାଟକର କାହାଣୀ ଅତ୍ୟନ୍ତ ଭାବପୂର୍ଣ୍ଣ ଓ ରୋମାଞ୍ଚକର । ନିର୍ଦ୍ଦିଷ୍ଟ କେତେକ ଦୃଶ୍ୟ ପଢିଲା ବେଳେ ଯେପରି ଆଗ୍ରହ ସୃଷ୍ଟି ହେଉଛି। ନାଟକଟି ମଞ୍ଚରେ ଅଧିକ ଗ୍ରହଣୀୟ ଓ ଆଦୃତି ଲାଭ କରିବ। ଏଥିରେ ଚଳନ୍ତି ସମୟର ସମସ୍ୟା, ଦ୍ୱନ୍ଦ୍ୱ, ଛୋଟ ଘଟଣାର ଭୁଲ ବୁଝାମଣା ଓ ରହସ୍ୟମୟ ପରିସ୍ଥିତି ସୃଷ୍ଟି ହୋଇଛି । ନାୟିକାଙ୍କ ସହିତ ନାରୀ ଚରିତ୍ରକୁ କାହାଣୀର କେନ୍ଦ୍ରବିନ୍ଦୁ




କରାଯାଇଥିଲେ ମଧ୍ୟ ନାଟକର ଅନ୍ୟ ସମସ୍ତ ମୁଖ୍ୟ ଓ ପାର୍ଶ୍ୱ ଚରିତ୍ରଗୁଡିକ ବି ଗୁରୁତ୍ୱ ତୁଲାଉଥିବା ଅନୁଭବ ହେଉଛି । ନାଟ୍ୟକାର ସାଧାରଣ ଚରିତ୍ରଗୁଡ଼ିକୁ ଆଣି ନାଟକୀୟ ଢଙ୍ଗରେ ପରଶି ଦେଇଛନ୍ତି। ଏହାର କାହାଣୀ ବୋଧଗମ୍ୟ, ଭାଷା ସଂଯୋଜନା ସରଳ ଓ ଚରିତ୍ରଚିତ୍ରଣରେ ସଂଯମତା କାରଣରୁ ନାଟ୍ୟକାର ପ୍ରଶଂସାର ପାତ୍ର। ଏହା ନିଶ୍ଚୟ ନାଟ୍ୟପ୍ରେମୀଙ୍କ ମଧ୍ୟରେ ଆଦୃତି ଲାଭ କରିବ ।

# ରୋବୋ ଟାଣୁଛି ରିକ୍ସା

**ଖ**ରା, ବର୍ଷାରେ ରିକ୍ସାବାଲାଟି ଯେବେ ନିଜ ରିକ୍ସାରେ ଯାତ୍ରୀଙ୍କୁ ବସେଇ ଟାଣି ଟାଣି ନିଏ ସେ ଦୃଶ୍ୟ ଦେଖିଲେ ଭାରି କଷ୍ଟ ଲାଗେ। ପରିବାର ଚଳାଇବା ଲାଗି ହିଁ ସେମାନେ ଏତେ କଷ୍ଟ କରିଥାନ୍ତି। ଏହାକୁ ନଜରରେ ରଖି ସୁରଟ୍‌ର ଚାରିଜଣ ଛାତ୍ର ତିଆରି କରିଛନ୍ତି



ଏକ ରୋବୋ ରିକ୍ସା। ଏଥିରେ ଥିବା ରୋବୋଟି ମଣିଷ ପରି ଚାଲିପାରେ ଓ ରିକ୍ସା ଟାଣିପାରେ। କଲିକତାରେ ରିକ୍ସାବାଲ ଯେମିତି ହାତରେ ରିକ୍ସା ଟାଣନ୍ତି, ଏହି ରୋବୋ ସେମିତିଭାବେ ରିକ୍ସାକୁ ଟାଣିଥାଏ। ଏହାକୁ ତିଆରି କରିବା ପାଇଁ ସେମାନଙ୍କୁ ୨୫ ଦିନ ଲାଗିଥିଲା। ଆଉ ଖର୍ଚ୍ଚ ହୋଇଥିଲା ୩୦,୦୦୦ଟଙ୍କା। ରୋବୋ ତିଆରି କରିଥିବା ଚାରିଜଣ ଛାତ୍ରଙ୍କ ମଧ୍ୟରୁ ଜଣେ ମୌର୍ଯ୍ୟ ଶିବମ୍ କହନ୍ତି, 'ଏହି ରୋବୋ ଡିଜାଇନ୍ କରିବା ଲାଗି ମଣିଷର ଗୋଡ଼ ଓ ଚାଲିବାଶୈଳୀ ଉପରେ ଗଭୀର ଗବେଷଣା କରାଯାଇଥିଲା। ପରେ ଯାଇ ଏହି ରୋବୋ ତିଆରି କରାଯାଇଛି। ଯଦିଓ ଏହାର ସଫଳ ପରୀକ୍ଷଣ ହୋଇସାରିଛି, ତେବେ ବି ଏହାର ହାତ, ଗୋଡ଼ ଓ ମୁଣ୍ଡରେ ଆହୁରି ଅଧିକ କାମ କରିବାକୁ ବାକି ଅଛି। ଯେମିତି କି ଏହା ଆହୁରି ଅଧିକ କାମ କରିବାରେ ସକ୍ଷମ ହେବ।'

# ବୟସ ସତର, ଚଢ଼ିଲେ ସାତୋଟି ପର୍ବତ





**ବ**ୟସ ମାତ୍ର ୧୭ ବର୍ଷ। ହେଲେ ଏଇ ବୟସରେ ମୁମ୍ବାଇର କାମ୍ୟା କାର୍ତ୍ତିକେୟନ ଏଭଳି କାରନାମା କରିଦେଖାଇଛନ୍ତି, ଯାହା ସମ୍ପର୍କରେ ଭାବିଲେ ବି ଅସମ୍ଭବ ମନେହୁଏ। କାମ୍ୟା ଇତି ମଧ୍ୟରେ ସାତୋଟି ମହାଦେଶର ସାତୋଟି ସର୍ବୋଚ୍ଚ ପର୍ବତକୁ ଚଢି ତା'ର ଶିଖର ଛୁଇଁ ସାରିଲେଣି। ଯେଉଁଥିରେ ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରୋ, ୟୁରୋପର ମାଉଣ୍ଟ ଏଲବ୍ରୁସ୍, ଅଷ୍ଟ୍ରେଲିଆର ମାଉଣ୍ଟ କୋସିୟସ୍‌ଜାକୋ, ଦକ୍ଷିଣ ଆମେରିକାର ମାଉଣ୍ଟ ଅଙ୍କୋକାଗୁଆ, ଉତ୍ତର ଆମେରିକାର ମାଉଣ୍ଟ ଡେନାଲି,





ଆଣ୍ଟାର୍କଟିକାର ମାଉଣ୍ଟ ଭିନ୍ସନ ଓ ଏସିଆର ମାଉଣ୍ଟ ଏଭରେଷ୍ଟ ଆଦି ଅନ୍ତର୍ଭୁକ୍ତ। ତେବେ ସେ ଏହି ଅଭିଯାନରେ ଏକୁଟିଆ ନ ଥିଲେ। ଏହି ଦୁଃସାଧ କାର୍ଯ୍ୟରେ ତାଙ୍କୁ ତାଙ୍କ ବାପା ଏସ୍. କାର୍ତ୍ତିକେୟନ ଯେ କି ଭାରତୀୟ ନୌସେନାର କମାଣ୍ଡର ସାହାଯ୍ୟ କରିଥିଲେ। ଗତ ବର୍ଷ ଡିସେମ୍ବର ୨୪ ତାରିଖରେ କାମ୍ୟା ଆଣ୍ଟାର୍କଟିକାର ମାଉଣ୍ଟ ଭିନ୍ସଟନର ଶିଖର ଛୁଇଁଥିଲେ। କାମ୍ୟା ପାହାଡ଼ ଚଢ଼ିବାର ସାହସିକ ଅଭିଯାନ ୧୩ ବର୍ଷ ବୟସରେ ଆରମ୍ଭ କରିଥିଲେ। ସାହସ, ଦୃଢ଼ ସଂକଳ୍ପ ଓ ବାପାଙ୍କ ପ୍ରେରଣା ଯୋଗୁ କାମ୍ୟା ଏତେ କମ୍ ବୟସରେ ସାତୋଟି ଯାକ ମହାଦେଶର ସର୍ବୋଚ୍ଚ ପର୍ବତ ଶିଖର ଛୁଇଁବାରେ ସଫଳ ହେଇଛନ୍ତି।



# ୨ ହାତ ଓ ଗୋଡ଼ରେ ଦୌଡ଼ି ରେକର୍ଡ

**ବି**ଭିନ୍ନ ପ୍ରକାରର ରେସ୍ ବିଷୟରେ ଶୁଣିଥିବେ। ତେବେ ଏ ହେଉଛି ଏମିତି ଏକ ରେସ୍, ଯାହାକୁ ଦେଖିଲେ ବେଶ୍ ମଜା ଲାଗିବ। ହେଲେ ଯିଏ ଏଥିରେ ଅଂଶଗ୍ରହଣ କରନ୍ତି ତାଙ୍କୁ କିନ୍ତୁ ବହୁତ ପରିଶ୍ରମ କରିବାକୁ ହୁଏ। ଏହାକୁ ଦେଖିବାବେଳେ ହସ ବି ଲାଗିବ। କାରଣ ଏଥିରେ ପ୍ରତିଯୋଗୀ କେବଳ ଦୁଇ ଗୋଡ଼ରେ ନୁହେଁ ବରଂ ଦୁଇ ହାତରେ ବି ଦୌଡ଼ନ୍ତି। ଅର୍ଥାତ୍ ପ୍ରତିଯୋଗୀଙ୍କୁ ପ୍ରାଣୀଙ୍କ ଭଳି ଉଭୟ ହାତ ଓ ଗୋଡ଼ରେ ଦୌଡ଼ିବାକୁ ହୁଏ। ଜାପାନ, ଟୋକିଓର କେନିଚି ଇତୋ ନାମକ ଜଣେ ବ୍ୟକ୍ତି ଦୁଇ ହାତ ଓ ଗୋଡ଼ରେ ୧୦୦ ମିଟର ଦୂରତାକୁ ମାତ୍ର ୧୫.୭୧ ସେକେଣ୍ଡରେ ପୂରା କରି ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସବୁଠୁ କମ୍ ସମୟରେ ଉଭୟ ହାତ ଓ ଗୋଡ଼ରେ ଦୌଡ଼ି ରେସ୍‌କୁ ପୂରା କରିଥିବା ବ୍ୟକ୍ତିର ମାନ୍ୟତା ପାଇଛନ୍ତି। କେନିଚି ନିଜର ପୂର୍ବ ରେକର୍ଡକୁ ଭାଙ୍ଗି ଏହି ରେକର୍ଡ କରିଛନ୍ତି। ଏଭଳି ଦୌଡ଼ିବାରେ ଦକ୍ଷ ହେବା ଲାଗି କେନିଚିଙ୍କୁ ଦୀର୍ଘ ୧୦ ବର୍ଷ ସମୟ ଲାଗିଥିଲା। ସେ ଆଫ୍ରିକାର ପତାସ୍ ମାଙ୍କଡ଼ର ଦୌଡ଼ିବା ଶୈଳୀକୁ ଅନୁକରଣ କରି ଏଭଳି ଦୌଡ଼ିବା ଆରମ୍ଭ କରିଥିଲେ।